ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

ଜୁନ୍ ୧୨-୧୫, ୨୦୧୯

**ସ୍ମରଣୀୟ :** ଗିରୀଶ ସାହୁ

**ପହିଲି ପୁଲକ :** ଶ୍ୟାମ ପ୍ରକାଶ ସେନାପତି

**ଅବଲୋକନ :** ଡ. ରମାକାନ୍ତ ରାଉତ

**ପ୍ରଥମ ବହି :** ଗଙ୍ଗାଧର ବିଶ୍ୱାଳ





# ସୁମିଅପା ଓ ଅନ୍ୟମାନେ

**ଗଙ୍ଗାଧର ବିଶ୍ୱାଳଙ୍କ ଜନ୍ମ ୧୧ ଫେବୃଆରୀ ୧୯୬୨ରେ, ବାଲେଶ୍ୱରରେ। ଏଯାବତ୍ ପ୍ରକାଶିତ ଆଠଟି ଗଳ୍ପ ସଂକଳନ, ଚାରିଟି ଉପନ୍ୟାସ ଓ ଗୋଟିଏ ପ୍ରେମକାବ୍ୟ। ବିଭିନ୍ନ ପତ୍ରପତ୍ରିକାରେ ନିୟମିତ ପ୍ରକାଶିତ ତାଙ୍କର ଲେଖାମାନ। ଲେଖାରେ ମୌଳିକତା ପାଇଁ ପାଠକ ମହଲରେ ତାଙ୍କର ଖାତିର ବେଶ୍ ଜଣାଶୁଣା।**



ଗଙ୍ଗାଧର ବିଶ୍ୱାଳ

ଏବେ ବି ମନେଅଛି; ସେଇସବୁ ସ୍ମୃତିବୋଳା ତିକ୍ତ-ମଧୁର ଦିନସବୁ। ପ୍ରଥମ ପ୍ରେମ ପରି ପ୍ରଥମ ବହି ପ୍ରକାଶର ଅଂଗେନିଭା ଅଭୁଲା, ଅକ୍ଷତ ଓ ଅପାସୋରା ସେ ମୁହୂର୍ତ୍ତମାନ, ସ୍ମୃତିର ଆଇନାରେ ଜୀବନ୍ତ ପ୍ରତିଛବି ହୋଇ ଯାହା ମୋ' ସହ ବରାବର ବିନିମୟଶୀଳ। ଲେଖକ ଜୀବନରେ ସାମ୍ନାସାମ୍ନି କରିଥିବା କେତେକେତେ ସମସ୍ୟା, କେତେସବୁ ଅକପଟ ଆନନ୍ଦ, ଯାହାର ରୋମନ୍ଥନ ଆଜି ମହୋତ୍ସବମୟ। ୨୦୦୦ ମସିହା ଜୁଲାଇ ୧୧ ତାରିଖ ମଙ୍ଗଳବାର। ସ୍ଥାନ- ରୋଟାରୀ ଭବନ, ବାଲେଶ୍ୱର। ମୋର ପ୍ରଥମ ଗଳ୍ପ ସଂକଳନ 'ସୁମିଅପା ଓ ଅନ୍ୟମାନେ'ର ଶୁଭ ଉନ୍ମୋଚନ ପର୍ବ। ଉନ୍ମୋଚକ ବିଶିଷ୍ଟ ଔପନ୍ୟାସିକ ବିଭୂତି ପଟ୍ଟନାୟକ, ମୁଖ୍ୟବକ୍ତା କବି ବ୍ରଜନାଥ ରଥ, କବି ପ୍ରଶାନ୍ତ ଦାସ, ପୌରୋହିତ୍ୟ କରିଥିଲେ ରାୟଶ୍ରୀ ଉପେନ୍ଦ୍ର ପ୍ରସାଦ ନାୟକ, ପ୍ରକାଶକ






ଯଜ୍ଞବରାହ ମହାନ୍ତି ଓ ଅତିଥି ପରିଚୟ କବି ସିତାଂଶୁ ଲେଙ୍କା। ପୁସ୍ତକ ଉନ୍ମୋଚନ ସ୍ଥଳରେ ଲେଖକ, କବି ଓ ସାହିତ୍ୟପ୍ରେମୀମାନଙ୍କ ଭରପୂର ଉପସ୍ଥାନ ସାଙ୍ଗକୁ ଆବେଗ, ଆଗ୍ରହ ଆଉ ଖୁସିର ମାହୋଲ। ମୁଁ ସେତେବେଳେ ସଂପୂର୍ଣ୍ଣ ସାକ୍ଷରତା ଅଭିଯାନ ଅନ୍ତର୍ଗତ ବ୍ୟାସକବି ସାକ୍ଷରତା ସମିତିର ଜିଲା ସଂଯୋଜକ ଭାବରେ ଅବସ୍ଥାପିତ। ଲେଖାଲେଖି ପ୍ରାୟ ୧୯୮୦ ମସିହାରୁ। କୋଡ଼ିଏ ବର୍ଷ ଧରି ଲେଖିବା ସତ୍ତ୍ୱେ ନିଜସ୍ୱ ସ୍ୱାକ୍ଷର ବହନ କରିଥିବା ସଂକଳନଟିଏ ପ୍ରକାଶ ପାଇ ନ ପାରିବାର ଦୁଃଖ ଓ କଷ୍ଟ ନିତିପ୍ରତି ମୋତେ ଘାରୁଥାଏ। ଏଣୁ ଠିକ୍ କଲି ଭବିଷ୍ୟନିଧି ପାଣ୍ଠି ତ ଅଛି! ଉଦ୍ୟମ କରାଯାଉ। ସେଇଆ ହେଲା। ଭବିଷ୍ୟନିଧି ପାଣ୍ଠିରୁ ୧୫ ହଜାର ଟଙ୍କା





ଉଠାଇ ବହି ପ୍ରକାଶ କରିବା କାମରେ ଲାଗିପଡ଼ିଲି। ପ୍ରୁଫ୍‌ଦେଖା, ଚିତ୍ରଶିଳ୍ପୀ କେଶୁ ଦାସଙ୍କୁ ପ୍ରଚ୍ଛଦର କଳ୍ପିତ ରୂପରେଖ ବର୍ଣ୍ଣନା କରି ଦୁଇତିନି ଥର ପ୍ରଚେଷ୍ଟାରେ ପ୍ରଚ୍ଛଦ ଅଙ୍କାଇଲି। କାଗଜ ବାବଦକୁ 'ସମ୍ପର୍କ' ପ୍ରକାଶନୀର ଅନ୍ୟତମ ସହଯୋଗୀ ସୌମେନ୍ଦ୍ର ଓ ଅକ୍ଷୟଙ୍କ ସାହାଯ୍ୟ ନେଲି। ବାସ୍, ବହି ଛପାହେଲା। ଉନ୍ମୋଚନ ହେଲା। ଓଡ଼ିଶାର ବିଭିନ୍ନ ସ୍ଥାନର ଲେଖକ, ଶୁଭେଚ୍ଛୁ, ବନ୍ଧୁ ଓ ସାହିତ୍ୟାନୁରାଗୀମାନଙ୍କ ନିକଟରେ ପାଖାପାଖି ତିନିଶହ ପୁସ୍ତକ ଉପଲବ୍ଧ କରାଇଲି। ଆର୍ଥିକ ଦୁରବସ୍ଥା ଯେ ଆଗେଇବାର ପଥ ଓଗାଳେ ଏହା ସତ୍ୟ। ମାତ୍ର ଉଦ୍ୟମ, ପ୍ରଚେଷ୍ଟା ଓ ନିଷ୍ଠାରହିତ ସାଧନା ସାମ୍ନାରେ ଏହା ପ୍ରତିବନ୍ଧକ ହୋଇ ବି ଏହା ଯେ ପରାଜୟ ସ୍ୱୀକାର କରେ, ଏ କଥା ମୁଁ ପ୍ରମାଣିତ କରିଛି ମୋର ପ୍ରଥମ ଗଳ୍ପ ସଂକଳନ 'ସୁମିଅପା ଓ ଅନ୍ୟମାନେ'ର ପ୍ରକାଶନ ମାଧ୍ୟମରେ। 'ପ୍ରଥମ ବହି'ର ପ୍ରେରଣା ଓ ଆଗେଇବାର ଚଳଚଞ୍ଚଳ ପଦପାତ ପାଇଁ ରାସ୍ତା କେବେ ଅଂକୁଶ ଲଗାଇ ପାରି ନାହିଁ। ମୋ' ପ୍ରଥମ ବହିର ସ୍ମୃତି ଚିର ଉଜ୍ଜ୍ୱଳ, ଶାଶ୍ୱତ ଓ ପ୍ରେରଣାଦାୟକ ଏବେ ବି, ଆଉ ଆଗାମୀ ଦିନ ପାଇଁ ମଧ୍ୟ।





# କବି ସୁବୋଧ ସରକାରଙ୍କ ବକ୍ତବ୍ୟ ପ୍ରଣିଧାନଯୋଗ୍ୟ

ମହାଶୟ,

* ଉଗ୍ର ରୌଦ୍ରର ଏକ ଉତ୍ତପ୍ତ ପ୍ରଭାତରେ 'ସାହିତ୍ୟାୟନ' ହସ୍ତଗତ ହେଲା। ପ୍ରଚ୍ଛଦପଟ ସମୟୋପଯୋଗୀ। 'ସୃଜନ-ଆଳାପ'ରେ ସ୍ଥାନିତ କବି ସୁବୋଧଙ୍କ ବକ୍ତବ୍ୟ ଏକାନ୍ତ ପ୍ରଣିଧାନଯୋଗ୍ୟ। ଯିଏ ପ୍ରକୃତ କବି, ସିଏ ରାଜନୈତିକ ସ୍ଲୋଗାନ୍‌କୁ ବିଶ୍ୱାସ ନ କରି କବିତାକୁ ହିଁ ବିଶ୍ୱାସ କରିଥାଏ। ରାଜନୈତିକ କବି ହିଁ ଆବଶ୍ୟକସ୍ଥଳେ ଶାସନକଳକୁ ଦୋହଲାଇପାରେ। ନନ୍ଦିନୀ ଦେବୀଙ୍କ ଗଳ୍ପଟିଏ ପଢ଼ିବାର ଇଚ୍ଛା ଅନେକ ଦିନରୁ ଥିଲା, ଯାହା ଆଜି ପୂରଣ ହେଲା। ଗଳ୍ପ 'କ୍ଷୀରନନା' ଭଲ ଲାଗିଲା। ଆଗାମୀ ସଂଖ୍ୟା ଅପେକ୍ଷାରେ ରହିଲୁ।

*– ଅରୁଣ କୁମାର ନାୟକ, ମାନସ କୁମାର ଯେନା, ଏରେଇଁ, ଚରମ୍ପା, ଭଦ୍ରକ*

* ମେ ୧୫ରୁ ୨୮ ଧରିତ୍ରୀ 'ସାହିତ୍ୟାୟନ' ଫନୀ କ୍ଷତିଗ୍ରସ୍ତ ଦୁଃଖିତ ମନରେ ଥିବା ସମୟରେ ପଢ଼ି କିଛି ସମୟ ପାଇଁ ଦୁଃଖ ଭୁଲିଗଲି। 'ପହିଲି ପୁଲକ'ରେ ଗୋଲାପ ମଞ୍ଜରୀ କରଙ୍କ ଅନୁଭୂତିର ବର୍ଣ୍ଣନା ଚମତ୍କାର। ଗଳ୍ପ 'ଅସଜଡ଼ା ଘର', 'କଳାପାହାଡ଼' ପ୍ରତୀକତାରେ ଭରପୂର। ଅନୂଦିତ ଗଳ୍ପ 'ଲୁପ୍ତ ଅରଣ୍ୟ', 'ଟମକକାଙ୍କ କୁଟୀର' ପରି ସ୍ୱାଦ ଦେଲା। ଅନୁବାଦକ ସତ୍ୟ ପଟ୍ଟନାୟକ ସୁଦୂର ଯୁକ୍ତରାଷ୍ଟ୍ର ଆମେରିକାରେ ରହି ନୋବେଲ ପୁରସ୍କାରପ୍ରାପ୍ତ ଡେନ୍‌ମାର୍କୀୟ ଲେଖକ ଜୋହାନ୍ସ ଭି. ଜେନସେନ୍‌ଙ୍କର ଏହି ଗଳ୍ପକୁ ଅନୁବାଦ କରିଥିବାରୁ ଧନ୍ୟବାଦାର୍ହ। 'ପାଞ୍ଚବର୍ଷ ହିସାବ କରିବାକୁ ଯାଇ ମୂର୍ଖ କ୍ରୀତଦାସ ଠଉରାଇଲା ଯେ ଯେତିକି ଥର ସୂର୍ଯ୍ୟ ଉତ୍ତରାୟଣ ଓ ଦକ୍ଷିଣାୟନ ଗତି କରିବେ, ତା' ହାତରେ ସେତିକି ଆଙ୍ଗୁଠି ଅଛି।' କବିତାଚୟ ଓ ଗୀତି-କବିତା 'ହେ ମୋର ଜୀବନ' ଅତି ଭଲ। ପାଞ୍ଚଗୋଟି ନୂତନ ପୁସ୍ତକ ସମୀକ୍ଷାରୁ ବହିମାନଙ୍କର ସୂଚନା ପାଇଲି। ସାହିତ୍ୟ ଅୟନରେ ଦୃଶ୍ୟମାନ ସର୍ଜନାଗୁଡ଼ିକ ଅତ୍ୟନ୍ତ ସୁସମ୍ପାଦିତ।

*– ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ*

* ମେ ୧-୧୪ 'ସାହିତ୍ୟାୟନ' ପାଠ କଲାପରେ ଏ ଚିଠି। ପ୍ରଚ୍ଛଦରେ ଅସ୍ତାଚଳଗାମୀ ସୂର୍ଯ୍ୟଙ୍କ ଲୋହିତ ଆଭାରେ ବିମୁଗ୍ଧ ତରୁଣ ତରୁଣୀ ବେଳାଭୂମିରେ ହାତରେ ହାତ ଛନ୍ଦିହିବା ଓ ଫୁଟନ୍ତା ଫୁଲର ଅଗ୍ରଭାଗରେ ପକ୍ଷୀଟିର ଉପବେଶନ ଅତ୍ୟନ୍ତ ମନଲୋଭା। 'ପ୍ରଥମ ବହି' କ୍ରମରେ ଅକ୍ଷୟ ଜେନାଙ୍କ ସ୍ୱୀକାରୋକ୍ତି ଆତ୍ମବିଶ୍ୱାସରେ ଭରା। 'ବିଦଗ୍ଧ ପାଠକ' ପାଠକୀୟ ମତାମତରେ ସଜ୍ଜିତ ସୁନ୍ଦର ଏକ ପ୍ରସ୍ତ। ଆଠ ପୃଷ୍ଠାର 'ସାହିତ୍ୟାୟନ'ର ସାମଗ୍ରିକ ଛବି ଜଣେ ବିଭୋର ପାଠକର ଜାଗ୍ରତ ଚକ୍ଷୁରେ। ଅନିଲ ଯାଦବ ନିଜକୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ କରିଦେଇଛନ୍ତି 'ସୃଜନ-ଆଳାପ'ରେ। ତାଙ୍କ କ୍ଷୁଦ୍ରଗଳ୍ପ 'ନଗରବଧୂନେ ଅଖବାର ନହିଁ ପଢ଼ତି'- ବନାରସର ଗଣିକାମାନଙ୍କ ଉପରେ ଲିଖିତ ଓ ଗଳ୍ପଟି ଖୁବ୍ ମାର୍ମିକ। କୌଣସି ନାରୀ ଜାଣି ଜାଣି ଏ ଅନ୍ଧଗଳିରେ ପ୍ରବେଶ କରନ୍ତି ନାହିଁ। ଦାରିଦ୍ର୍ୟ ଅବା ବିବଶତାରେ ଅଥବା ମିଥ୍ୟା ପ୍ରଲୋଭନରେ ପଡ଼ି ହୁଏତ ମହିଳା ଜଣକ ଏ ଯାତନାଭରା ଅନ୍ଧକୂପରେ ପ୍ରବେଶ କରିଥାଇପାରନ୍ତି। ସୁନୀଲ ବୋଷଙ୍କ 'ସିନ୍ଦୂରା ଫାଟିବାର ବେଳ' ଉଚ୍ଚଶିକ୍ଷିତ ସନ୍ତାନମାନଙ୍କର ଦୂରପାହାଡ଼ ସୁନ୍ଦର ସମ ବିଦେଶପ୍ରୀତି ଓ ନିଜ ଜନ୍ମମାଟି ପ୍ରତି ମୁହଁମୋଡ଼ାର ଦୁଃଖଦ ଓ ଅନ୍ଧାରି ଦିଗ, ଯାହାକୁ 'ବ୍ରେନ୍‌ଡ୍ରେନ୍' କୁହାଯାଇପାରେ। ମୋଟଉପରେ 'ସାହିତ୍ୟାୟନ' ଖୁବ୍ ସୁନ୍ଦର ହୋଇପାରିଛି।

*– ପ୍ରତାପ କୁମାର ନାୟକ, ଏମ୍‌ଆଇଜି-୭୫, କେ୯ଏ, କଳିଙ୍ଗବିହାର, ପାତ୍ରପଡ଼ା, ଭୁବନେଶ୍ୱର*

* ମେ ୧୫-୨୮ ତାରିଖ 'ସାହିତ୍ୟାୟନ' ସଂଖ୍ୟାର କବିତା ପୃଷ୍ଠାଟି ଖୁବ୍ ଚମତ୍କାର ହୋଇଛି। ପ୍ରଥମେ ବିପ୍ଳବଙ୍କ ଗୀତି-କବିତା 'ହେ ମୋର ଜୀବନ' ବଙ୍ଗଳାଶ୍ରୀ ବୃତ୍ତକୁ ଆପଣେଇଛି । ସାଗରିକା ପଟ୍ଟନାୟକଙ୍କ 'ଥରେ ଶୁଣିକରି ଦେଖ', ମଧୁସ୍ମିତା ପଟ୍ଟନାୟକଙ୍କ 'ଶାଗୁଆ ଶାଗୁଆ ଦୁବ ଉପରେ' ଲେଖା ଉଲ୍ଲେଖନୀୟ। 'ପ୍ରଥମ ବହି' ସ୍ତମ୍ଭରେ ଗୋଲାପ ମଞ୍ଜରୀ କରଙ୍କ 'କେବେ କେବେ ଈଶ୍ୱର'ର ସମୀକ୍ଷା ବୀଣାପାଣି ମହାନ୍ତି ଓ ଉନ୍ମୋଚନ କରିଥିଲେ ରମାକାନ୍ତ ରଥ। 'ପହିଲି ପୁଲକ'ର ରଚୟିତା ନରେନ୍ଦ୍ର ସେଠୀଙ୍କ ମୀନା ବଜାରରେ ସ୍ଥାନିତ 'ଶିଶୁ ସୂର୍ଯ୍ୟ' ତାଙ୍କୁ ପ୍ରେରଣା ଦେଇଥିଲା। ପ୍ରଶାନ୍ତ କୁମାର ମହାନ୍ତିଙ୍କ 'ଅସଜଡ଼ା ଘର' ପାଠ କଲେ 'ଟୁଲୁ ଭାଇ' ପରି ଜଣେ ଏକଜିଦିଆ ଲୋକର ଚାଲିଚଳନ କୌଣସି ଏକ ନାଟକର ସଂଳାପ ଓ ପୃଷ୍ଠଭୂମି ପରି ମନେହୁଏ। ଭୂପେନ୍ ମହାପାତ୍ରଙ୍କ 'କଳାପାହାଡ଼' ପାଠ କଲେ ଜଣେ ଆଣ୍ଟିହିରୋ ନନ୍ଦନନ୍ଦନ ନାୟକ ନିର୍ବାଚନରୁ ଓହରିବା ପ୍ରସଙ୍ଗ ଖୁବ୍ ତଥ୍ୟପୂର୍ଣ୍ଣ। ସେ ଜିତିଥିଲେ ଯେତିକି ପାଇଥା'ନ୍ତେ, ତା'ର ପାଞ୍ଚ ଗୁଣ ପାଇ ଏ ପଥ ଆପଣେଇଥିଲେ । ସତ୍ୟ ପଟ୍ଟନାୟକଙ୍କ ଦ୍ୱାରା ଅନୂଦିତ 'ଲୁପ୍ତ ଅରଣ୍ୟ'ରେ ଜଣେ କ୍ରୀତଦାସର ଭକ୍ତି ମାନସିକତା ସ୍ଥାନ ପାଇଛି ଅଫିମଖିଆ ପୋଷା ନେଉଳ ପରି। ପୁସ୍ତକ ପରିଚୟ ଭଲ ହୋଇଛି।

*– ପ୍ରତାପ ଚନ୍ଦ୍ର ପାଢ଼ୀ, ପ୍ରେମଲତା ପବ୍ଲିକ ସ୍କୁଲ, ଗୋବିନ୍ଦ ନଗର, ଗୋଳନ୍ଥରା, ଗଞ୍ଜାମ*

* ମେ ୧୫-୨୮ 'ସାହିତ୍ୟାୟନ' ପ୍ରାପ୍ତି ମାତ୍ରକେ ପାଠକଲି । ଖୁବ୍ ମନଦୁଃଖର ସହ ପାଠକଲି । ଫନୀ ବାତ୍ୟାରେ ଗାଁ ଘର ଭାଙ୍ଗି ଯାଇଥିବାରୁ ଦିନରାତି ମୋ' ଆଖିରେ ଖାଲି ଲୁହ ଆଉ ଲୁହ। ମୋର ବିଶ୍ୱାସ ନ ଥିଲା ଘରଟି ଏମିତି ଦୟନୀୟ ଭାବରେ ଭାଙ୍ଗିଯିବ ବୋଲି । ଏଥର 'ସାହିତ୍ୟାୟନ'ର ଦୁଇଜଣ ବଳିଷ୍ଠ ସ୍ରଷ୍ଟା ଗୋଲାପ ମଞ୍ଜରୀ କର, ନରେନ୍ଦ୍ର ସେଠୀଙ୍କ ସୃଷ୍ଟି ସମ୍ଭାର ଲାଗି ସାରସ୍ୱତ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି। ଏଥର ଲେଖା ଭିତରେ 'ଅସଜଡ଼ା ଘର', 'କଳାପାହାଡ଼' ଲେଖା ଦୀର୍ଘ କଳେବରସଂପନ୍ନ। ଗୁଣାତ୍ମକ ମାନ ଦୃଷ୍ଟିରୁ ଭଲ ହୋଇପାରେ; କିନ୍ତୁ ଦୁଇଟି ଲେଖା ମୋ' ମନକୁ ଛୁଇଁ ପାରିଲାନି। ଜଣେ କ୍ରୀତଦାସକୁ ନେଇ 'ଲୁପ୍ତ ଅରଣ୍ୟ' ଗପଟି ଖୁବ୍ ହୃଦୟସ୍ପର୍ଶୀ, ଯାହାର ସ୍ରଷ୍ଟା ହେଉଛନ୍ତି ନୋବେଲ ପୁରସ୍କାର ବିଜେତା ଜୋହାନ୍ସ ଭି. ଜେନ୍‌ସନ । କ୍ରୀତଦାସ ପ୍ରଥା ଅତ୍ୟନ୍ତ ଘୃଣିତ ଏବଂ ଜଘନ୍ୟ ପ୍ରଥା, ଯାହାକୁ ଆଇନ ବଳରେ ବିଲୋପ କରିଥିଲେ ଆବ୍ରାହମ୍ ଲିଙ୍କନ। ଲେଖାରେ ଜଣେ କ୍ରୀତଦାସର ଘାତ ପ୍ରତିଘାତ ନିର୍ଯାତିତ ଜୀବନକୁ ଲେଖକ ପ୍ରାଣବନ୍ତ ଭାଷାରେ ବର୍ଣ୍ଣନା କରିଛନ୍ତି। ବାଜପେୟୀଙ୍କ କବିତା ସମେତ ସବୁ କବିତା ଭଲ।

*– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ*


ସାହିତ୍ୟାୟନ
ଲେଖା ପଠାଇବାର ଠିକଣା
ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com


ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ



ଗଳ୍ପ

# ପଖାଳ

ଡ. ତ୍ରିନାଥ ପଟ୍ଟନାୟକ

**ମହିଆ ନଈକୂଳରେ ଛକି ବସିଥାଏ କେମିତି ବେଲାକୁ ସାକ୍ଷାତ୍ କରିବ । ଦିନେ ନିଛାଟିଆ ବେଳେ ବେଲାକୁ ପାଇ କାନଫୁଲ ହଳକ ତା' ହାତରେ ଧରାଇ ଦେଲା । ଏତେ ସୁନ୍ଦର କାନଫୁଲ ଦେଖି ବେଲା ଫିକ୍ କରି ହସିଦେଲା । ସେଇ ହସରେ ମହିଆ ସବୁ କିଛି ପାଇଗଲା । ସେ ଭାବିଲା ସତରେ ପଖାଳ ତା'ପାଇଁ କାଳ ନୁହେଁ । ପଖାଳ ତାକୁ ଅଟକାଇ ଦେଇଥିବା ହେତୁ କାନଫୁଲ ହଳକ ସେ ପାଇଛି ।**

ମହିଆ ଦାସ ତେଇଶ ବର୍ଷର ଚଉଖୁଣ୍ଟିଆ ମଣିଷଟେ। ଦେଖିବାକୁ ବେଶ୍ ଡଉଲଡାଉଲ। ପାଠପଢ଼ା ତୃତୀୟ ଶ୍ରେଣୀ ଫେଲ୍। ମାତ୍ର ଆଜିକାଲିକା ଚାକଚକ୍ୟରୁ ସେ ପଛେଇ ଯାଇନି। ସେ ସେଲୁନ୍‌କୁ ଯାଇ କଲେଜପଢ଼ୁଆ ପିଲାଙ୍କ ପରି ମୁଣ୍ଡବାଳକୁ ପାହାଚ ପାହାଚ କରି କାଟୁଛି। ବାପ ସାଥିରେ କଳି କରି ପଇସା ନେଇ ଜିନ୍ ପ୍ୟାଣ୍ଟ ଶାର୍ଟ ପିନ୍ଧୁଛି। ଦିନରାତି କ୍ରିକେଟ୍ ଖେଳୁଛି। ମାତ୍ର ରୋଜଗାର ବୋଇଲେ କିଛି ନାହିଁ। ଯେଉଁଠି କଲେଜପଢ଼ୁଆ ପିଲାମାନେ ବେରୋଜଗାରିଆ ହୋଇ ବେକାରରେ ବସିଛନ୍ତି, ଏଇଟାକୁ କେଉଁ ଚାକିରି ମିଳିବ! ଦେହ ମେହନତ କରି ଦୁଇ ପଇସା ରୋଜଗାର କରିବ ସେ ଚିନ୍ତା ମହିଆର ନାହିଁ। ମାତ୍ର ଟି.ଭି. ଦେଖିଦେଖି ନିଜକୁ ହିରୋ ବନେଇଛି।

ଉପର ସାହିରେ ମଥୁରୀ ସାଉର ଝିଅ ବେଲାରାଣୀକୁ ଦେଖି ମହିଆ ମନେମନେ ନିଜର ରାଣୀ ବନାଇ ନେଇଛି। ତାକୁ ନେଇ କେତେ କ'ଣ ସପନ ଦେଖିଛି। ଦିନେ ଗାଁରେ ଯାତ୍ରା ହେଉଥିଲା। ଗାଁସାରା ଲୋକେ ଚାରି ଦିଗରୁ ଘେରି ଯାତ୍ରା ଦେଖୁଥିଲେ। ହଠାତ୍ ବଗୁଲିଆ ଟୋକାଟିଏ କେଉଁଠୁ ଗୋଟାଏ ବୁଲା ଷଣ୍ଢକୁ ହୁରୁଡ଼େଇ ଆଣି ଯାତ୍ରା ମଝିରେ ଛାଡ଼ିଦେଲା। ଷଣ୍ଢର ରୀତିଗତିରୁ ଜଣାପଡୁଥାଏ ନିଶାଗ୍ରସ୍ତ। ତାକୁ ପାଚିଲା କଦଳୀ ଭିତରେ ଭାଙ୍ଗ ପୂରାଇ କିଏ ଖୁଆଇ ଦେଇଛି। ଭାଙ୍ଗ ନିଶାରେ ଷଣ୍ଢଟା ଲୋକବାକ ନ ମାନି ମାଡ଼ି ଚାଲିଛି। ଲୋକମାନେ ଛତ୍ରଭଙ୍ଗ ଦେଇ ଯିଏ ଯେଉଁଆଡ଼େ ପାରିଲେ ପଳାଇଗଲେ। କେତେକ ଷଣ୍ଢଭୁସାରେ ତଳେ ପଡ଼ି ଲହୁଲୁହାଣ ହେଲେ। ସେଠି ମଥୁରୀ ସାଉ ଝିଅ ବେଲାରାଣୀ ଯାତ୍ରା ଦେଖୁଥିଲା। ଷଣ୍ଢ ହାବୁଡ଼େ ସେ ପଡ଼ିଗଲା। ଷଣ୍ଢ ମାଡ଼ି ଆସୁଛି। କେହିହେଲେ ସାମ୍‌ନାକୁ ଆସୁନାହାନ୍ତି।

ମହିଆଟା କେଉଁଠି ଥିଲା କେଜାଣି ଅନହୁତି ଦୌଡ଼ି ଆସି ବେଲାକୁ କାନ୍ଧରେ ପକାଇ ଦଉଡ଼ିଲା। ତା'ପଛେପଛେ ଷଣ୍ଢ ଗୋଡ଼ାଇଛି। ସେମାନେ ଗାଁ ତୋଟା ପର୍ଯ୍ୟନ୍ତ ଚାଲିଗଲେ। ଅନ୍ଧାରୁଆ ତୋଟାରେ ମହିଆ ବେଲାରାଣୀକୁ କାନ୍ଧରୁ ଓହ୍ଲାଇ ଝାଡ଼ିଝୁଡ଼ି ଦେଲା। ବେଲା ମଧ୍ୟ ମହିଆର ସାହସ ପାଇଁ ଓ ସାହାଯ୍ୟ ପାଇଁ ବହୁତ ସାବାସି ଦେଲା। ଦୁହେଁ ଘରକୁ ଫେରିଲେ।

ସେହି ଦିନଠାରୁ ବେଲା ଓ ମହିଆ ମଧ୍ୟରେ ଏକ ମଧୁର ସଂପର୍କ ଗଢ଼ି ଉଠିଲା। ବେଲା ହସରେ ମହିଆର ଛାତି କରତି ହୋଇ ଯାଉଥାଏ। ମହିଆ ପାଠ ପଢ଼ିଥିଲେ ପ୍ରେମପତ୍ର ଲେଖି ନିଜ ମନର କଥାକୁ ବେଲାକୁ ଜଣାଇ ଦେଇଥାନ୍ତା, ତାହା ତ ସମ୍ଭବ ନୁହେଁ। ମାତ୍ର ଭରସି କରି କିଛି କହି ପାରୁ ନ ଥାଏ। ମନେମନେ ଭାବୁଥାଏ ବେଲାକୁ କ'ଣ ଗୋଟାଏ ଏମିତି ଉପହାର ଦେବି, ଯେମିତି ସେ ତାହା ପାଇ ବହୁତ ଖୁସି ହେବ। ଆଉ ମୋ' ଉପରକୁ ଢଳି ପଡ଼ିବ। ମୋତେ ଭଲପାଇବ, ବାହା ହେବ। ହେଲେ କି ଜିନିଷ ସେ ବେଲାକୁ ଦେଇପାରିବ! ଜିନିଷ କିଣିବାକୁ ପଇସା କେଉଁଠୁ ଆଣିବ। କେଉଁ କାମ ତ ଆସେନି। କି ମେହନତ କରିବ ଯେ ଦୁଇ ପଇସା ରୋଜଗାର କରି ସେ ବେଲାକୁ ଦେବ?

'ଜ୍ୟୋତି ଅଳଙ୍କାର ଷ୍ଟୋର' ବୋଲି ସୁନା ଦୋକାନଟିଏ ତା' ଗାଁରେ ଅଛି। ତାରି ଆଗରେ ସାଇନ୍ ବୋର୍ଡ। ବୋର୍ଡରେ ସୁନ୍ଦରୀ ଝିଅଟିର ଚିତ୍ର ଅଙ୍କା ଯାଇଛି। ନାନା ଅଳଙ୍କାର ସେ ପିନ୍ଧିଛି। ମାତ୍ର ଝିଅଟି କାନରେ ଯେଉଁ କାନଫୁଲ ଅଛି, ତାହା ତାକୁ ବେଶ୍ ମାନୁଛି। ଚିତ୍ରଟିର ମୁହଁକୁ ମହିଆ ବାରମ୍ବାର ଚାହିଁଲା। ସେଇ ମୁହଁଟି ବେଲା ମୁହଁ ଭଳି ଦେଖାଯାଇଛି। ଚିତ୍ରକର ବେଲାକୁ ଦେଖି ଏ ଚିତ୍ର ଆଙ୍କି ନାହିଁ ତ? ମାତ୍ର ସତକୁ ସତ ବେଲା କାନରେ ଏମିତି କାନଫୁଲ ନାହିଁ। ସେ ଏମିତିଆ କାନଫୁଲ ହଳେ ନାଇଲେ ବହୁତ ସୁନ୍ଦର ଦେଖାଯାଆନ୍ତା, ଠିକ୍ ଚିତ୍ରର ଏଇ ଝିଅଭଳି। ମହିଆ ଆଖି ଆଗରେ ବେଲାର ମୁହଁ ବାରମ୍ବାର ଝଲସି ଉଠୁଥାଏ। ସେ କଳ୍ପନାରେ ଦେଖିଛି ବେଲା କାନରେ ଠିକ୍ ଏହିଭଳି ଫୁଲ।

ମହିଆ ଦିନେ ସୁନା ଦୋକାନରେ ପଶିଲା। ସାଇନ୍ ବୋର୍ଡରେ ସେଇ ଝିଅ ପିନ୍ଧିଥିବା କାନଫୁଲ ଦୋକାନରେ ମିଳୁଛି କି ନାହିଁ ବୋଲି ପଚାରିଲା। ଦୋକାନୀ କାନଫୁଲ ଦେଖାଇଲା। ମାତ୍ର ଗୋଟିଏ ହଳ ଥିଲା। ମହିଆ କହିଲା ଓଜନ କର। କେତେ ରେଟ୍ ହେବ ମୋତେ କୁହ। ବଣିଆ ଓଜନ କରି ମୂଲ୍ୟ ଜଣାଇଦେଲା। ମାତ୍ର ଏତେ ପଇସା ମହିଆ ପାଖରେ କାହିଁ? ମହିଆ କହିଲା– ଏଇ କାନଫୁଲ ରଖିଦେଇଥାଅ, ମୁଁ କାଲି ଟଙ୍କା ନେଇ ଆସିଲେ ନେଇଯିବି। ମହିଆ ଫେରି ଆସୁଥିଲା। ସୁନା ଦୋକାନୀ ମହିଆକୁ ତାଚ୍ଛଲ୍ୟ ଦୃଷ୍ଟିରେ ଚାହିଁ କାନ ଫୁଲକୁ ଶୋ'କେଶ୍ ଭିତରେ ରଖିଦେଲା। କିଛି ଦୂରରେ ହରିଆ ମହାନ୍ତି ଝିଅ ରିନା ଠିଆ ହୋଇଥିଲା। ତା'ର ଦୃଷ୍ଟି ସେହି କାନଫୁଲ ଉପରେ ପଡ଼ିଗଲା। ସେ ଦୌଡ଼ି ଆସି କାନଫୁଲକୁ ଉଠାଇ ନେଲା ଓ ଓଜନ କରାଇଲା। ହରିଆ ମହାନ୍ତି, ଝିଅ ପାଖରେ ପହଞ୍ଚି ଗଲେ। ଝିଅ ଗେହ୍ଲେଇ ହୋଇ ବାପାକୁ କାନଫୁଲ ହଳକ ଦେଖାଇଲା। ରିନାର ବାହାଘର ପାଖେଇ ଆସିଲାଣି। ବାପଝିଅ ଦୁହେଁ ସୁନା ଗହଣା କିଣିବା ପାଇଁ ଆସିଥିଲେ। ସେମାନେ କାନଫୁଲ କିଣିନେଲେ।

ମହିଆ ଆଖି ଆଗରେ ଏ ସବୁ ଘଟିଗଲା। ତା' ଆଖିରୁ କିଏ ଯେମିତି ଜ୍ୟୋତି ହରାଇ ନେଲା। ତା'ଛାତି ଭିତରକୁ କିଏ ଯେମିତି ହାତୁଡିରେ ବାଡ଼ଉଛି। ସେ ଆଉ ସହି ପାରିଲାନି। ଏବେ ସେ ବେଲାକୁ କି ଉପହାର ଦେବ? ଧନ ନ ଥିବାରୁ ସିନା ଏଭଳି ସବୁ ଘଟି ଯାଉଛି। ଯେମିତି ହେଲେ ତାକୁ ଧନ ରୋଜଗାର କରିବାକୁ ପଡ଼ିବ। ମନ ଦୁଃଖରେ ଫେରିଆସିଲା ମହିଆ। ବାଟରେ ଭେଟ ହୋଇଗଲା ଚିତାକଟା ଚଇତନିଆ ସହିତ। ଚଇତନିଆ କପାଳରେ ତିନିଧାର ଚିତା କାଟେ ବୋଲି ତାକୁ ଚିତାକଟା ଚଇତନିଆ ଡାକନ୍ତି। ସେ ସେହି ଡାକ ଶୁଣି ଚିଡ଼େ।

ଚଇତନିଆ ମହିଆକୁ ପଚାରିଲା– ତୋର କ'ଣ ଦେଖାସାକ୍ଷାତ୍ ନାହିଁ। ଆଜିକାଲି କ'ଣ ସବୁ କରୁଛୁ କି?

ମହିଆ କହିଲା– ''ନାଇଁ, ଚଇତନିଆ ଭାଇ କିଛି କରୁନି, ଏମିତି ବୁଲୁଛି।'' ଚଇତନିଆ ମହିଆକୁ ତା' ଦୋକାନକୁ ଡାକି ନେଇ ଚା' ପିଇବାକୁ ଦେଲା। ଆଉ ଅତି ଆପଣାର ହୋଇ ବହୁ ଦୁଃଖସୁଖ କଥା ପଚାରିଲା। ସରଳ ମହିଆ ଚଇତନିଆ କଥାରେ ଭଳିଗଲା। ପେଟର କଥାକୁ ଆପଣାର ଭାବି ଫିଟାଇ ଦେଲା।

ଚଇତନିଆ କହିଲା– ଏଇ ସାମାନ୍ୟ କଥା ପାଇଁ ତୁ ଏତେ ଚିନ୍ତା କରୁଛୁ, ତୋତେ କାନଫୁଲ ହଳେ ନିଶ୍ଚୟ ମିଳିବ। ହେଲେ ମୋ' କଥା ତୋତେ ମାନିବାକୁ ପଡ଼ିବ। ମୋ' କଥାରେ ରହିଲେ ତୋତେ କିଛି ଅସୁବିଧା ଭୋଗ କରିବାକୁ ପଡ଼ିବ ନାହିଁ। ତୋତେ କାନଫୁଲ ମିଳିବ, ତା' ସହିତ ବେଲାରାଣୀ ବି ମିଳିଯିବ।

ମହିଆ କହିଲା– କେମିତି?

ଚଇତନିଆ କହିଲା– ଆଜି ରାତିରେ ରଘୁଆ ମହାନ୍ତି ଘରେ ସିନ୍ଧିକାଟି ପଶିବା। ତା' ଘରୁ ସବୁ ସୁନାରୁପା ଚୋରାଇ ଆଣିବା।

'ଚୋରି'– ମହିଆ ଯେମିତି ଆକାଶରୁ ତଳକୁ ଗଳି ପଡିଲା। କହିଲା – ନା ବାବା ନା, ସେ ସବୁ ମୋ' ଦ୍ୱାରା ହେଇପାରିବ ନାହିଁ। ଚିତାକଟା ଚଇତନିଆ ମହିଆ କାନରେ ଫୁସ୍‌ଫୁସ୍ କରି କ'ଣ ସବୁ ବୁଝାଇ ଚାଲିଥାଏ। ମହିଆ ମୁଣ୍ଡ ଟୁଙ୍ଗାରି ହୁଁ ହୁଁ କରୁଥାଏ।

ଶେଷରେ ମହିଆ ମୁହଁରେ ମଲ୍ଲୀଫୁଲିଆ ହସ ଉକୁଟି ଉଠିଲା।

ସେଦିନ ଥିଲା ଘନଘୋର ଅନ୍ଧାର ରାତି। ରଘୁଆ ମହାନ୍ତି ଘର କାନ୍ଥ ଖୋଳି ଚଇତନିଆ ମହିଆକୁ ଘର ଭିତରକୁ ପଶେଇ ଦେଲା। ସମସ୍ତେ ଶୋଇଛନ୍ତି। ମହିଆ କେବେ ଚୋରି କରି ନ ଥିଲେ ସୁଦ୍ଧା ଅନୁମାନ କଲା ଏଇ କାଠ ଆଲମାରି ଭିତରେ ନିଶ୍ଚୟ ମାଲପାଣି ଅଛି। ଏ କ'ଣ ଆଲମାରିରେ ତାଲା ବି ପଡ଼ିନି। ତାଲା ପକାଇବା ପାଇଁ ଘର ଲୋକମାନେ ଭୁଲି ଯାଇଛନ୍ତି। ତା' ଭିତରେ ଛୋଟ ଆଟାଚିଟିଏ ଅଛି। ଆଟାଚିକୁ ବାହାର କରି ଦେଖିଲା ତା' ଭିତରେ କିଛି ସୁନା ଅଳଙ୍କାର ଅଛି। ସେଇ କାନଫୁଲ ହଳକ ବି। ମହିଆ ବେଶ୍ ଖୁସି ହୋଇଗଲା।

ଆଟାଚିକୁ ଧରି ବାହାରି ଯାଉଥିଲା ମହିଆ। ଦେଖିଲା ଘର ଥାକ ଉପରେ କ'ଣ ସବୁ ଖାଇବା ଜିନିଷ ଥୁଆ ହୋଇଛି। ଘୋଡ଼ଣୀ ଖୋଲି ଦେଖିଲା ଧୋବ ଫରଫର ପଖାଳ ଭାତ, ଦହି, କଞ୍ଚାଲଙ୍କା, ଲୁଣ, ଆଳୁ, ବାଇଗଣ ଭରତା, ତା' ସାଙ୍ଗକୁ ବଡ଼ିଚୂରା। ଏସବୁ ଦେଖି ତା' ପାଟିରୁ ଲାଳ ବୋହିଲା। କ'ଣ କରିବ? ମାତ୍ର କାନ୍ଥ ସେପଟୁ ଜଳାବାଟେ ଚଇତନିଆ ହାତ ଠାରି ଡାକୁଛି ବାହାରି ଯିବା ପାଇଁ। ଆଟାଚିକୁ ଚଇତନିଆ ହାତକୁ ବଢ଼ାଇ ଦେଇ ସେ ସେହି ଘରେ ଅଟକି ଗଲା। ଚଇତନିଆ ଭାବିଲା ମହିଆ ବୋଧେ ଆଉ କିଛି ମାଲମତା ନେଇ ଆସୁଛି। ସେ ଆଟାଚି ନେଇ ଫେରି ଆସିଲା।

ମହିଆ ସକାଳୁ କିଛି ଖାଇନି। ସେ ମାଆଛେଉଣ୍ଡ। ଘରେ ମା'ନାହିଁ ଯେ ସକାଳ ସଞ୍ଜେ ପଖାଳ କଂସା ବାଢ଼ି ଦେବ। ବୋପା କାମଦାମରୁ ଫେରି ରୋଷେଇ କରେ। ଦୁହେଁ ଖାଆନ୍ତି। ବାପା ଘରକୁ ନ ଫେରିଲେ ଚୁଲିରେ ହାଣ୍ଡି ବସିବ ନାହିଁ। ଏହି ପଖାଳ କଂସା ତାକୁ ମା' ପରସା ପଖାଳ ଭଳି ଆନନ୍ଦ ଦେଲା। ସେ ସେଇଠି ଚକାପକାଇ ଖାଇବାକୁ ଲାଗିଲା। ସେ ଭୁଲିଗଲା ଯେ ଏଇଟା ତା' ଘର ନୁହେଁ। ସେ ଚୋରି କରିବା ନିମନ୍ତେ ପର ଘରକୁ ଆସିଛି। ବାଇଗଣ ଭରତା ଭିତରେ କଞ୍ଚାଲଙ୍କା ଥିଲା। ଅଳ୍ପ ଆଲୁଅରେ ସେ ଲଙ୍କାକୁ ବାରି ପାରିଲାନି, କାମୁଡ଼ି ଦେଲା। ମହିଆର ସୁ ସା ଶବ୍ଦରେ ରଘୁ ମହାନ୍ତିଙ୍କ ସାନବୋହୂର ନିଦ ଭାଙ୍ଗିଗଲା। ସେ ଭାବିଲା ତା' ସ୍ୱାମୀ କ'ଣ ରାତିରେ ଘରକୁ ଫେରି ବଢ଼ା ଯାଇଥିବା ପଖାଳ ଖାଉଛନ୍ତି କି? ତା' ମନରେ ଅଭିମାନ ଆସିଲା, ମୋତେ ନିଦରୁ ନ ଉଠାଇ ପଖାଳ ଖାଇଲେ। ଏ କ'ଣ ଠିକ୍ କଲେ।

ସେ ପାଦ ଚିପିଚିପି ଆସି ସେଇ ଘର ପାଖରେ ପହଁଚି ଗଲା। କବାଟ ସନ୍ଧିରେ ଚାହିଁଲା ଓ ଯାହା ଦେଖିଲା ସେଥିରେ ଆଶ୍ଚର୍ଯ୍ୟ ହୋଇଗଲା। ଏ ତ ତା' ସ୍ୱାମୀ ନୁହେଁ। ତେବେ କିଏସେ ଖୁବ୍ ମଜାରେ ବସି ଖାଉଛି। ଏଇଟା କ'ଣ ଚୋର! ବୋହୂଟା ଭାରି ବୁଦ୍ଧିମତୀ। ଘରର ବାହାରପଟୁ ଶିକୁଳି ଦେଇ ତାଲା ପକାଇ ଦେଲା। ଆଉ ହାଉଳି ଖାଇ ଚୋର ଚୋର ବୋଲି ପାଟି କଲା।

ଘର ଲୋକମାନେ ନିଦରୁ ଉଠି ସେଠାରେ ଏକଜୁଟ ହୋଇଗଲେ। ସାଇ ଲୋକମାନେ ମଧ୍ୟ ଦୌଡ଼ି ଆସିଲେ। ସେମାନେ ସମସ୍ତେ ଦେଖିଲେ ଆରସାହିର ମହିଆ ଘରେ ପଶିଛି, ପୁଣି ସିନ୍ଧି କରି।

ମହିଆ ପାଟିତୁଣ୍ଡ ଶୁଣି ଛାନିଆ ହୋଇଗଲା। ଏବେ ଯେତେ ଚେଷ୍ଟା କଲେ ସୁଦ୍ଧା ବାହାରି ପାରୁନାହିଁ। ବାହାରପଟୁ କବାଟ ବନ୍ଦ। ସିନ୍ଧିଗାତ ବାଟଦେଇ ବାହାରି ଯିବା ପାଇଁ ଚେଷ୍ଟା କଲା। ତାହା ମଧ୍ୟ ସମ୍ଭବ ନୁହେଁ। ସିନ୍ଧିଗାତ ମୁହଁରେ ପଥର ମଡ଼ାଯାଇଛି। ମହିଆ ଦାସ ଏବେ କରିବ କ'ଣ? ଅଇଁଠା ହାତରେ ସେ ସେମିତି ଟାଟକା ହୋଇ ଠିଆ ହୋଇଛି। ମନେମନେ ଭାବୁଥାଏ, ସତରେ ସେ କେତେ ବୋକା! ପଖାଳ କଂସାକ ଯୋଗୁଁ ଆଜି ଧରାପଡ଼ିଲା। ଯଦି ଟିକିଏ ଲୋଭ ଛାଡ଼ିଥାଆନ୍ତା, ତେବେ କେତେବେଳୁ ଏଠୁ ପାର ହୋଇ ଯାଆନ୍ତାଣି। ଚଇତନିଆ ସବୁ ସୁନାରୁପା ଧରି କେତେବେଳୁ କେଉଁଆଡ଼େ ଚମ୍ପଟ ମାରିଲାଣି। ମୋ' ଭାଗ୍ୟରେ ଧନପ୍ରାପ୍ତି ନାହିଁ ଗୁଡ଼ାଏ ମାଡ଼ ଖାଇବା ହିଁ ଅଛି।

ଗାଁବାଲାଏ ମୋତେ ଧରିନେଇ ଗୁଡ଼ାଏ ଉତ୍ତମ ମଧ୍ୟମ ଥୋଇବେ। ତା'ପରେ ପୋଲିସ ହାତରେ ଦେବେ। ପୋଲିସ ଆରେଷ୍ଟ କରିବ। ପୁଣି ଚାଲିବ ଇନ୍‌କ୍ୱାରୀ। ସତ କହିଲେ ମାଡ଼, ମିଛ କହିଲେ ବି ମାଡ଼। ବାପାଟା ପାଖରେ କ'ଣ ଧନ ଅଛି ଯେ ପୋଲିସକୁ ଘୁସ୍ ଦେଇ ମୋତେ ମୁକାଳିବ। ହଳେ କାନଫୁଲ ପାଇଁ ଚୋରି କଲି, ମାତ୍ର ମୋ' ପାଇଁ ପଖାଳ କଂସା ହେଲା କାଳ।

ପୋଲିସ ଆସି ମହିଆକୁ ବାନ୍ଧି ଥାନାକୁ ନେଇଗଲେ। ମାଡ଼ ଭୟରେ ମହିଆ ସବୁ ସତ ମାନିଗଲା। ମହିଆ ପାଖରେ ଧନ ନାହିଁ। ଚଇତନିଆ ମାରି ନେଇଛି। ପୋଲିସ ମହିଆକୁ ଆଉ ନ ଅଟକାଇ କୋର୍ଟ ଚାଲାଣ କରିଦେଲେ। ଚିତାକଟା ଚଇତନିଆକୁ ପୋଲିସ ତିନିଦିନ ପରେ ବହୁ ଖାନ୍‌ତଲାସ କରି ପାଇଲା। ତା'ଠାରୁ ମହାନ୍ତି ଘର ସବୁ ସୁନାରୁପା ମିଳିଲା। ହେଲେ ନଗଦ କିଣା ଯାଇଥିବା ସୁନା କାନଫୁଲ ହଳକ ମିଳିଲାନି। କୋର୍ଟ ଚାଲାଣ ପରେ ମହିଆ ଜାମିନରେ ଘରକୁ ଫେରିଲା। ସେଥିପାଇଁ ତା'ବାପା ବେଶ୍ ଦୁଇପଇସା ଖର୍ଚ୍ଚ କଲା। କ'ଣ କରିବ ଯାହାହେଲେ ପୁଅ ତ?

☞ପୃଷ୍ଠା–୬

# ଭାରତବର୍ଷ

ସ୍ମରଣୀୟ

**ଗିରୀଶ ଚନ୍ଦ୍ର ସାହୁଙ୍କ ଜନ୍ମ ୧୯୫୬ରେ, କେନ୍ଦ୍ରାପଡ଼ା ଜିଲା ଓଡ଼ଙ୍ଗ ଗାଁରେ। ପ୍ରକାଶିତ ପ୍ରମୁଖ ଗ୍ରନ୍ଥ-ଗଳ୍ପ: 'ରୂପାନ୍ତର' (୧୯୯୬), 'ନିଜ ଦର୍ପଣରେ ନିଜେ' (୧୯୯୯), 'ନୂଆ ସକାଳ' (୨୦୦୧), 'ପୃଥକ୍ ପୃଥିବୀ' (୨୦୦୬), 'ବୈକୁଣ୍ଠ ସମାନ ଆହା' (୨୦୧୩) ଓ 'ଛାଇ ଛାଉଣିର ଘର' (୨୦୧୭); ଉପନ୍ୟାସ: 'ଚିହ୍ନା ମାଟି ଅଚିହ୍ନା ମଣିଷ' (୨୦୦୩) ଓ 'ଅବ୍ୟକ୍ତ ଅଭୀପ୍ସା' (୨୦୦୮)। ଓଡ଼ିଆ କଥା ସାହିତ୍ୟକୁ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ଲେଖକ ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ, ଯହିଁରେ ଅନ୍ତର୍ଭୁକ୍ତ 'ଗୋକର୍ଣ୍ଣିକା ରଜତ ଜୟନ୍ତୀ ଗଳ୍ପ ସମ୍ମାନ' (୨୦୦୩) ଓ 'ଝଙ୍କାର ଗଳ୍ପ ପୁରସ୍କାର' (୨୦୧୭)। ଗିରୀଶଙ୍କ ଗଳ୍ପରେ ଥାଏ ଏକ କଥାକୁହା ବିଶେଷତ୍ୱ, ଯାହା ପାଠିକାପାଠକଙ୍କୁ ଅଠାକାଠି ପରି ଧରେ। ଏଥରର 'ସ୍ମରଣୀୟ'ରେ ତାଙ୍କର ଏକ ବହୁ ଆଦୃତ ଗଳ୍ପ 'ଭାରତବର୍ଷ'...**

**ଗିରୀଶ ସାହୁ**

ଜନଗଣନା କାର୍ଯ୍ୟ କରିବା ଭାରି କଷ୍ଟ କାମ, କିନ୍ତୁ ମଜାଦାର। କେତେକେତେ ନୂଆ ପରିବାର ସହିତ ଭେଟଭାଟ। ସେମାନଙ୍କ ପରିବାର ସମ୍ପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରିବାକୁ ପଡ଼ିଥାଏ।

ଗଣତନ୍ତ୍ର ରାଷ୍ଟ୍ରରେ ସରକାରଙ୍କ ପାଖରେ ଆମୂଳଚୂଳ ସବୁ ତଥ୍ୟ ରହିବା ଉଚିତ। ଭାରତବର୍ଷର ସବୁ ପରିବାରର ଚିକିନିଖି ଖବର ରହିବ କମ୍ପ୍ୟୁଟରରେ। ଜଣଙ୍କର କି-ବୋର୍ଡରେ ବଟନ୍ ଚିପିବା ମାତ୍ରେ ସ୍କ୍ରିନ୍‌ରେ ନାଁ, ଗାଁ ଠିକଣାଠାରୁ ଆରମ୍ଭ କରି ସଂକ୍ଷିପ୍ତ ଇତିହାସ ଜଣେ ଅନାୟାସରେ ଜାଣିପାରିବ।

ସେଇ ନ୍ୟାୟରେ ପ୍ରତି ଦଶବର୍ଷ ଅନ୍ତରରେ ଭାରତରେ ଜନଗଣନା କାର୍ଯ୍ୟ କରାଯାଉଛି। ଜନଗଣନା କହିଲେ ଆମେ ତମେ ମଣିଷଟିଏ ଯାହା ବୁଝୁଛେ ପ୍ରକୃତ ଅର୍ଥରେ ତାହା ନୁହେଁ। ଜନଗଣନା ଅର୍ଥ କେବଳ ଜନଙ୍କ ମୁଣ୍ଡ ନୁହେଁ।

ତେବେ ସବୁଥରଠାରୁ ଏଥର ଜନଗଣନା ଯଥେଷ୍ଟ ଗୁରୁତ୍ୱ ଥିଲା ଅନେକ ଦୃଷ୍ଟିରୁ। ଦେଶର ଜନସଂଖ୍ୟା ତଥ୍ୟ ସଂଗ୍ରହ ସହ ବସବାସ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ଯେମିତି କି ବସବାସ କରୁଥିବା ଗୃହର ଆକାରପ୍ରକାର, ମାଲିକାନା ସ୍ୱତ୍ୱ, ବଖରା ସଂଖ୍ୟା, ଶୋଇବା ଘର ପ୍ରକାର, ପାଇଖାନା, ଗାଧୁଆଘର, ଜଳଉତ୍ସ- ଟ୍ୟୁବ୍‌ୱେଲ ନା ଟାଙ୍କିରୁ ମଟର ଯୋଗେ ପାଣି, ଜାଳେଣି ବ୍ୟବହାର- କାଠ ନା କୋଇଲା ନା ଗ୍ୟାସ୍, ରନ୍ଧାଘର, ବ୍ୟାଙ୍କ୍ ଖାତା, ଜମା ଖାତା, ପାନ୍ କାର୍ଡ଼, ଅନ୍ୟାନ୍ୟ ସମ୍ପତ୍ତି ଯଥା: ରେଡିଓ, ଟିଭି, ଫ୍ରିଜ୍, ୱାଶିଂ ମେଶିନ୍, କାର୍, ମୋଟରସାଇକେଲ୍, ସାଇକେଲ୍, ମୋବାଇଲ୍ ଇତ୍ୟାଦି। ଏଥିସହିତ ଆହୁରି ଅଛି ; ପ୍ରତି ଗୃହରେ ଗୃହମୁଖ୍ୟଙ୍କ ସହ ଅନ୍ୟମାନଙ୍କ ସମ୍ପର୍କ, ଲିଙ୍ଗଗତ ଜନସଂଖ୍ୟା, ବୈବାହିକ ତଥ୍ୟ, ଜାତି, ଭାଷା, ଧର୍ମ, ଶିକ୍ଷାଗତ ଯୋଗ୍ୟତା, ଭିନ୍ନକ୍ଷମ, କାର୍ଯ୍ୟରତ ବ୍ୟକ୍ତି ଓ ତାଙ୍କର କି କି ପ୍ରକାର କାର୍ଯ୍ୟ, କର୍ମ, ଆଶାୟୀ ବ୍ୟକ୍ତିଙ୍କ ସଂଖ୍ୟା କେତେ, ଛାତ୍ରୀଛାତ୍ର ଓ ଶିଶୁମାନଙ୍କ ସଂଖ୍ୟା ଇତ୍ୟାଦି। ଏତଦ୍‌ବ୍ୟତୀତ କୃଷିଗତ ତଥ୍ୟ ପ୍ରଭୃତି ମଧ୍ୟ ସଂଗ୍ରହ କରାଯିବ।

ପୀତାମ୍ବର ମାଷ୍ଟ୍ରେଙ୍କୁ ଏଇ କାର୍ଯ୍ୟଟି କଷ୍ଟ ହେଲେ ବି ବେଶ୍ ଭଲ ଲାଗେ। ଏଥିପାଇଁ ସେ ସିନା ମଣିଷଗଢ଼ା କାରଖାନାର କାରିଗର, ତା' ବ୍ୟତୀତ ତାଙ୍କର ଅସଲ ପରିଚୟ ହେଲା ଜଣେ ଜନପ୍ରିୟ କବି ଭାବରେ ତାଙ୍କର ସୁଖ୍ୟାତି ଅଛି। ଅତି ସାଧାରଣ କଥାକୁ ଏମିତି ଢଙ୍ଗରେ ସେ ବ୍ୟାଖ୍ୟା କରନ୍ତି, ଯେମିତି ସେ ଦୂବରୁ ଦାରୁବ୍ରହ୍ମ ପାଲଟିଯାଏ। ସେଦିନ ଜନଗଣନା କାର୍ଯ୍ୟରେ ବୁଲୁବୁଲୁ ଖରା ତେଜରେ ମାଷ୍ଟ୍ରେ ଅସ୍ତବ୍ୟସ୍ତ ହୋଇଉଠିଲେ। ଛତା ତଳେ ସିନା ମଥାଟି ଥାଏ, ହେଲେ ଦେହସାରା ଗମ୍‌ଗମ୍ ଝାଳ ନିଗିଡ଼ି ପଡୁଥାଏ। ମାଷ୍ଟ୍ରେଙ୍କୁ ଭାରି ଶୋଷ ଲାଗୁଥାଏ। ଗାଁର ଶେଷ ଘରଟି କାମ ସରିଲେ ଘରକୁ ଫେରି ଖାଇପିଇ ବିଶ୍ରାମ ନେବା କଥା। ଏହା ଭାବି ସେ ବେଗିବେଗି ପାଦ ପକେଇଲେ। ଗାଁର ଶେଷ ଘରଟି ପାଖରେ ପହଞ୍ଚିଲେ ମାଷ୍ଟ୍ରେ। ବେକ ଭାଙ୍ଗି କୋଠାକୁ ଚାହିଁଲେ। ତାକୁ କୋଠାଘର ନ କହି ପ୍ରାସାଦ କହିଲେ ଭଲ ହୁଅନ୍ତା। ଦେଖିଲା ପରି ସୁନ୍ଦର ଘର। ବାହାର କାନ୍ଥ ସିମେଣ୍ଟ ପଲସ୍ତରା ନୁହଁ, ଟାଇଲ୍‌ରେ ଆବୃତ ହୋଇଛି କାନ୍ଥର ଦେହ। ଖୁଣ୍ଟଗୁଡ଼ିକରେ କୁଟିକମ ଦେଖିଲେ ରାଜାଙ୍କ ଉଆସ କଥା ମନେପଡ଼େ।

କଲିଂବେଲ୍‌ର ସୁଇଚ୍ ଚିପିବା ମାତ୍ରେ ମାଷ୍ଟ୍ରେ ଯେଉଁ ଧୁନ୍ ଶୁଣିଲେ, ତାଙ୍କ ମନ ଆତ୍ମା ପୂରିଉଠିଲା। କ୍ଷଣିକେ କ୍ଳାନ୍ତି ଅପସରି ଗଲା।

''ଈଶ୍ୱର ଆଲ୍ଲା ତେରୋ ନାମ୍
ସବ୍‌କୋ ସନମତି ଦେ ଭଗବାନ୍।''

ଆହାଃ କି ଶାନ୍ତି ! ତାଙ୍କ ଶରୀରରେ ଗୋଟେ ଅଦ୍ଭୁତ କମ୍ପନ ସୃଷ୍ଟି ହେଲା।

ଜଣେ ଚଷମାପିନ୍ଧା ଭଦ୍ରଲୋକ ସେ ଘରୁ ବାହାରକୁ ଆସିଲେ ହାତରେ ଦୈନିକ ଖବରକାଗଜ ଧରି। ପଢୁଥିଲେ ବୋଧହୁଏ।

''ଆଜ୍ଞା, ଆପଣଙ୍କୁ ଡିଷ୍ଟର୍ବ କଲି, କ୍ଷମା କରିବେ।'' ସ୍ମିତ ହସିହସି ପୀତାମ୍ବର ମାଷ୍ଟ୍ରେ କହିଲେ।

ନାଇଁ ନାଇଁ ସେମିତି କିଛି ଭାବନ୍ତୁ ନାହିଁ। ଆସନ୍ତୁ ଆସନ୍ତୁ। ଭିତରକୁ ଆସନ୍ତୁ, ଖରାଟା ଭାରି ଟାଣ ହୋଇଛି, ତା' ସାଙ୍ଗକୁ ଗୁଳୁଗୁଳି ପାଇଁ ଅସହ୍ୟ ଲାଗୁଛି ବାହାରଟା।

ଉଚ୍ଚା ଛାତ ଓ ଏୟାରକଣ୍ଡିସନର ଯୋଗୁଁ ପୀତାମ୍ବର ମାଷ୍ଟ୍ରେଙ୍କୁ ଖୁବ୍ ଆରାମ ଲାଗୁଥାଏ। କଥାରେ ମଜ୍ଜିଗଲେ ଦୁହେଁ। ଭଦ୍ରଲୋକ ଚା' ବରାଦ କରିସାରିଥିଲେ।

ପ୍ରକୃତରେ ଚା' କପେ ଦରକାର ହେଉଥିଲା ମାଷ୍ଟ୍ରେଙ୍କର। ଟାଣ ଖରାରେ ଚା' ପିଇଲେ ଝାଳ ମରିଯାଏ, ମୁଣ୍ଡବିନ୍ଧା କମିଯାଏ।

''ଆପଣ ଟିକେ ଦୟାକରି ସାହାଯ୍ୟ କରନ୍ତୁ ଆଜ୍ଞା ! ଶୀଘ୍ର ସରିଯିବ।'' ପୀତାମ୍ବର ମାଷ୍ଟ୍ରେ ନମ୍ର ଭାବରେ କହିଲେ।

''କି ପ୍ରକାର ସାହାଯ୍ୟ ମୋ'ଠାରୁ ଆଶା କରୁଛନ୍ତି ଆପଣ'' କୁହନ୍ତୁ। ଭଦ୍ରଲୋକ ଉତ୍ତର ଦେଲେ।

ଜନଗଣନା କାର୍ଯ୍ୟ ପାଇଁ କିଛି ତଥ୍ୟ ଦରକାର। ମାଷ୍ଟ୍ରେ କହୁକହୁ ଠିକ୍ ଏଇ ସମୟରେ ଚା' ଜଳଖିଆ ଆଣି ଟି'ପୟ ଉପରେ ଥୋଇଲେ ଘରର ଭଦ୍ରମହିଳା।

ସୌଜନ୍ୟ ଓ ଭଦ୍ରତା ଦୃଷ୍ଟିରୁ ପୀତାମ୍ବର ମାଷ୍ଟ୍ରେ ନମସ୍କାର କଲେ ଭଦ୍ରମହିଳାଙ୍କୁ। ସ୍ମିତ ହାସ୍ୟବଦନରେ ପ୍ରତିନମସ୍କାର ଜଣାଇଲେ ଭଦ୍ରମହିଳା।

ଗୋଟିଏ ପରେ ଗୋଟିଏ ତଥ୍ୟର ବିବରଣୀ ପଚାରି ବସିଲେ ମାଷ୍ଟ୍ରେ।

ଖୁବ୍ ସହଜ ଭାବରେ ଗୋଟିଗୋଟି କରି ବୁଝାଇ କହୁଥିଲେ ଭଦ୍ରଲୋକ ସେସବୁ ତଥ୍ୟର ବିବରଣୀ।

ହଠାତ୍ ତଣ୍ଟିରେ ମାଛକଣ୍ଟା ଲାଗିବା ପରି ଗୋଟିଏ ବିବରଣୀ ପାଖରେ ଅଟକିଗଲେ ଭଦ୍ରଲୋକ। ଚଷମା ଖୋଲି ହାତରେ ଧରିଲେ। ବିସ୍ମୟଭରା



ଆଖିରେ ଚାହିଁଲେ। ତା'ପରେ କହିଲେ, ''ମୋ' ଧର୍ମ କ'ଣ ବୋଲି ପଚାରୁଛନ୍ତି ତ। ମୁଁ ବି ସେଇ ଧର୍ମକୁ ନେଇ କମ୍ ଦ୍ୱନ୍ଦ୍ୱରେ ପଡ଼ିନାହିଁ। ହେଲେ ଏ ପର୍ଯ୍ୟନ୍ତ ମୁଁ ବି ନିଜେ ସେ ସମ୍ପର୍କରେ ସନ୍ଦିହାନ।''

ଟିକେ ନୀରବି ଯାଇ ହସିହସି କହିଲେ, ''ଏ ଯେଉଁ ଭଦ୍ରମହିଳାଙ୍କୁ ଆପଣ ଦେଖିଲେ, ମୁଁ ବି ତାଙ୍କୁ ଦେଖିଥିଲି ସହକର୍ମୀ ଭାବରେ। ହିମାଚଳ ପ୍ରଦେଶରେ ନର୍ଥ ଇଷ୍ଟର୍ନ ହିଲ୍ଲୀ ୟୁନିଭର୍ସିଟିରେ ମୁଁ ପ୍ରଫେସର୍ ପୋଷ୍ଟରେ ଜଏନ୍ କଲାବେଳକୁ ମୋତେ ଅଣତିରିଶ ବର୍ଷ ମାତ୍ର। ଏ ଭଦ୍ରମହିଳା ମୋ' ବିଭାଗ ଅର୍ଥାତ୍ ସୋସିଓଲୋଜି ଡିପାର୍ଟମେଣ୍ଟରେ ଅଧ୍ୟାପିକା ଥିଲେ। ମୁଁ ଓଡ଼ିଶାରୁ ଯାଇଥିବାରୁ ପ୍ରଥମେ ପ୍ରଥମେ ସେ ଜଳବାୟୁରେ ଚଳିବା ବଡ଼ କଷ୍ଟକର ହୋଇ ପଡୁଥିଲା। ମୋ' କ୍ୱାର୍ଟର୍ସ ପାଖରେ ମ୍ୟାଡାମ୍‌ଙ୍କ କ୍ୱାର୍ଟର୍ସ। ତାଙ୍କଠାରୁ ପ୍ରଥମେ ପ୍ରଥମେ ଅନେକ ସାହାଯ୍ୟ ପାଉଥିଲି ମୁଁ। ଗରମ ପାଣିଠାରୁ ଗରମ କଫି ପର୍ଯ୍ୟନ୍ତ। ଗରମ କଫି ଆମ ସମ୍ପର୍କରେ ଆତ୍ମୀୟତା ଆଣିଦେଲା। ଆତ୍ମୀୟତାରୁ ଭଲପାଇବା। ଭଲପାଇବାର ରୂପରେଖ ନେଲା ସ୍ୱାମୀ-ସ୍ତ୍ରୀ ଭାବରେ। ସହକର୍ମୀରୁ ସହଧର୍ମିଣୀ। କେବେ ଦିନେ ମୁଁ ତାଙ୍କୁ ତାଙ୍କ ଘର, ଜାତି, ଗୋତ୍ର ବିଷୟରେ ପଚାରି ନାହିଁ। ବାହାଘର ପରେ ଜାଣିଲି, ସେ ନିଜେ ବି ନିଜ ଠିକଣା ହଜେଇ ଦେଇଛନ୍ତି ଜନ୍ମ ତାରିଖରୁ। ଯାହାକୁ ଆପଣମାନଙ୍କ ପରି ବିଜ୍ଞମାନେ କହିପାରନ୍ତି 'ଅର୍‌ଫାନ୍'।

ସେ ନେଇ ମୋ' ମନରେ କେବେ ବି କିଛି ଭାବନା ସୃଷ୍ଟି ହୋଇନାହିଁ। ଏମିତିକି ବାପା ମୋତେ ତେଜ୍ୟପୁତ୍ର କଲା ପରେ ବି ଆମ ପାରିବାରିକ ଜୀବନ ଖୁବ୍ ମଧୁମୟ ହୋଇଆସିଛି ଏପର୍ଯ୍ୟନ୍ତ।

ପୀତାମ୍ବର ମାଷ୍ଟ୍ରେ ସୁବୋଧ ବାଳକ ପରି ସବୁ ଶୁଣୁଥାଆନ୍ତି। କଥା ମଝିରେ ସେ କହିଲେ, ନାଇଁ ଆଜ୍ଞା। ସେ କଥା ତ ଅଲଗା ବିଚାର। ଆପଣ ଯେଉଁ ପୁଣ୍ୟ କାର୍ଯ୍ୟଟି କରିଛନ୍ତି, ସେଥିପାଇଁ ମୁଁ ବହୁତ ଖୁସି। ହେଲେ ଆପଣଙ୍କ ନାଁକୁ ଯେ କେହି ପଢ଼ିଲେ ମୋ' ପରି ସମସ୍ୟାରେ ପଡ଼ିବ ନିଶ୍ଚେ।

ଏଥର ଭଦ୍ରଲୋକ ଆଉଟିକେ ସହଜ ହେଲେ।

କହିଲେ, ''ଆହୁରି ମଜା କଥା ଘଟିଲା ମୋ' ପିଲାମାନେ ବଡ଼ ହେଲାପରେ। ମୋ' ପରି ମୋ' ପିଲାମା ନେ। କାନାଡ଼ାରେ ଚାକିରି କରୁଥିବା ପୁଅ ତା' କମ୍ପାନୀର ଜଣେ ସହକର୍ମୀ ଝିଅଟିକୁ ଭଲପାଇ ବାହା ହେଲା। ଆଉ ମୋ' ଝିଅ ବି ହରିୟାନାରେ ଭେଟେନାରୀରେ ପି.ଜି. କରୁଥିବାବେଳେ, ତା' ସାଙ୍ଗରେ ପଢୁଥିବା କାଶ୍ମୀରୀ ପଠାଣ ପିଲାକୁ ଭଲପାଇ ବାହା ହେଲା। ଅବଶ୍ୟ ଦୁହେଁ ଆମ ମତାମତ ଲୋଡ଼ିଥିଲେ ବାହାଘର ପୂର୍ବରୁ। ପିଲାଙ୍କ ଖୁସିରେ ମା'ବାପା ଖୁସି ହେବା ଉଚିତ ନୁହେଁ କି ? ସେମାନେ ଯେତେବେଳେ ସ୍ଥିର କରିସାରିଛନ୍ତି, ଆମେ ଖୁସିରେ ସମ୍ମତି ଜଣାଇଦେଲୁ।''

ସେଇଦିନଠାରୁ ମୁଁ ଆଉ କୌଣସି ଦେବଦେବୀ ମନ୍ଦିରକୁ ଯାଏ ନାହିଁ। ମୋ' ଘରଟା ମନ୍ଦିର, ଗୀର୍ଜା ଓ ମସ୍‌ଜିଦ୍‌ର ସମନ୍ୱୟ ପାଲଟିଗଲା। ସର୍ବ ଧର୍ମ ସମନ୍ୱୟର ଘର ମୋର।

ପୀତାମ୍ବର ମାଷ୍ଟ୍ରେ ହଁ ହୋଇ ଅନେଇଥା'ନ୍ତି।

ଭଦ୍ରଲୋକ ଏଥର ଅଣ୍ଟା ସଳଖି ହେଲେ। ଛାଡ଼ି ଯାଇଥିବା କଥାଖିଅକୁ ଧରି ଯୋଡ଼ିଲେ।

ବୁଝିଲେ ଆଜ୍ଞା ! ଏସବୁ ଏବେ ଯେତେ ସହଜ ଲାଗୁଛି ସେତେବେଳେ ମୁଁ ନାକେଦମ୍ ହୋଇଛି। ମୋ' ବାପାଙ୍କ ଅନ୍ତେ ଭାଇଭଗାରି, ସାଇପଡ଼ିଶା, ବନ୍ଧୁବାନ୍ଧବ ଓ ଗାଁଲୋକେ କେହି ଜଣେ ବି ମୋତେ ସାହାପକ୍ଷ ହେଲେ ନାହିଁ, କେବଳ ଭାଗ୍ୟ ଛଡ଼ା। ସମସ୍ତେ ମୋ' ସହ ସମ୍ପର୍କ କାଟିଦେଲେ। ସେମାନଙ୍କର ନାନା କଟୁକଥାର ଶରବ୍ୟ ହେବାକୁ ପଡ଼ିଥିଲା ମୋତେ, ଗାଁଠାରୁ ଢେର୍ ଦୂରରେ ଘର କରି ରହିବା ସତ୍ତ୍ୱେ ବି।

ଓଃ ! ଭଦ୍ରଲୋକ ସ୍ୱଗତୋକ୍ତି କଲା ପରି ମନକୁ ମନ କ'ଣ କହିହେଲେ। ତା'ପରେ ମୁହଁ ଖୋଲିଲେ, ସେ ସମୟ କଥା ସବୁ ଭାବିଲେ କେତେ ଯେ ଅସହାୟ ଲାଗେ ଆପଣ ବୁଝିପାରିବେ ନାହିଁ। ପିଲାମାନେ ତ ବାହାରେ ବାହାରେ ରହିଲେ। ଆମେ ସ୍ୱାମୀ ସ୍ତ୍ରୀ ଦୁହେଁ ଦୃଢ଼ମନା। ଚଳିବା ପାଇଁ ଭାରି ହଇରାଣ ହରକତ ହୋଇଛୁ ପଛେ ତଥାପି ଭାଙ୍ଗି ପଡ଼ିନାହୁଁ।

ମାତ୍ର ପରିସ୍ଥିତି ବଦଳିଗଲା। ମୋ' ପିଲାମାନେ (ଝିଅଜ୍ୱାଇଁ, ପୁଅବୋହୂ) ଘରକୁ ଆସିଥାଆନ୍ତି।

ମୁଁ ଫୁଲ ବଗିଚାରେ ପାଣି ଦେଉଥାଏ। ଗାଁର କିଛି ଯୁବକ ହଠାତ୍ ଆସି ପହଞ୍ଚିଗଲେ। ମୁଁ ଡରିଗଲି ଏକରକମ କିଛି ଅଘଟଣକୁ ଆଶଙ୍କା କରି।

ପିଲାମାନେ ମୋ' ପୁଅକୁ ଖୋଜିଲେ। ପୁଅ ବି ପଦାକୁ ବାହାରି ଆସିଲା। ପିଲାମାନେ ଗାଁର ଭଲମନ୍ଦ କଥା ହେଲେ। ପିଲାମାନଙ୍କ ସହ ପୁଅ କଥା ହେଲା। ଘରକୁ ଡାକି ଚା' ଜଳଖିଆ ପର୍ବ ଚାଲିଲା।

ତାଙ୍କ ମନୋଭାବ ଧୀରେଧୀରେ ନମ୍ର ହେଲା ଆମ ପରିବାର ଓ ଆମ ପ୍ରତି। ଆମକୁ ବହୁତ ଭଲ ଲାଗିଲା।

ଏ ଘର, ବଗିଚା, ପଢ଼ାପଢ଼ି, ଟିଭି ଦେଖାରେ ବିତୁଥିବା ଜୀବନଟା ଏତେ ବଡ଼ ବ୍ୟାପକ ପୃଥିବୀ ସହ ପରିଚୟ ହେଲା।

ପରିସ୍ଥିତି ଏମିତି ହେଲା, ଏଣିକି ପୁଅବୋହୂ କି ଝିଅଜ୍ୱାଇଁ ଆସିଲେ ଗାଁ ପୁଅଝିଅଙ୍କ ଭିଡ଼ ଜମିଲା ଆମ ଘରେ। ସେମାନେ କାହା କଥାକୁ କାନକୁ ନେଲେ ନାହିଁ।

ମୋ' ପିଲାମାନେ ସେମାନଙ୍କ କର୍ମସ୍ଥଳୀକୁ ଗଲାବେଳେ ଗାଁ କ୍ଲବ୍, ଗରିବ ମେଧାବୀ ଛାତ୍ର, କାହା କାହା ଝିଅ ବାହାଘର, ଅସୁସ୍ଥ ମଣିଷଙ୍କ ଆରୋଗ୍ୟ ପାଇଁ କିଛି କିଛି ଆର୍ଥିକ ସହାୟତା କରିଥାଆନ୍ତି ଆନନ୍ଦ ମନରେ।

ଆମେ ସ୍ୱାମୀ ସ୍ତ୍ରୀ ଖୁସି ହେଉ ପିଲାଙ୍କ ବିଚାର ଦେଖି।

ଘରଟା ଅଣ୍ଡା, ପାଣି ବି ଅଣ୍ଡା, ଅଣ୍ଡା ମିଜାଜ୍‌ର କଥାରେ ମଜ୍ଜି ରହି ପୀତାମ୍ବର ମାଷ୍ଟ୍ରେଙ୍କୁ ବେଳ ଜଣାପଡୁ ନ ଥାଏ। ମାତ୍ର କାନ୍ଥଘଣ୍ଟାରେ ସମୟ ଦୁଇଟା ପଚିଶ।

ପୀତାମ୍ବର ମାଷ୍ଟ୍ରେ ମୁହଁ ଖୋଲିଲେ, ''ଯାହାହେଉ ଭଲ ଲାଗିଲା ଆପଣଙ୍କ ପରିବାରର କଥା ଶୁଣି। ଆପଣଙ୍କ ବିଚାର ଉତ୍ତମ। ଆପଣ ଦୃଢ଼ମନା ନ ହୋଇଥିଲେ ଏ ଗାଁରେ ତିଷ୍ଠି ରହିପାରି ନ ଥା'ନ୍ତେ କି ପିଲାମାନେ ଉତ୍ତମ ସ୍ୱଭାବର ନ ହୋଇଥିଲେ ଏ ଗାଁ ପିଲାଙ୍କ ଚରିତ୍ରକୁ ବଦଳେଇ ପାରି ନ ଥା'ନ୍ତେ। ଆପଣଙ୍କ କଥା ଶୁଣିଲାବେଳେ ଗପ ଶୁଣିଲା ଭଳି ଲାଗୁଥିଲା। ବାସ୍ତବତା ଯେତେ ରୁକ୍ଷ, କଠୋର ହେଲେ ବି ସେ ନକଲି ପଦାର୍ଥ ନୁହଁ ଯେ, ଯେକେହି ଠକି ହୋଇଯିବ।

ଶୀଘ୍ର କାମ ସାରି ଯିବା ପାଇଁ ମାଷ୍ଟ୍ରେ ବ୍ୟସ୍ତ ହେଲେ।

''ଆଜ୍ଞା ! ଏଥର ମୋତେ ବିଦାୟ ଦିଅନ୍ତୁ।''


ଟେବୁଲ ଉପରେ ଖୋଲା ହୋଇଥିବା ଫର୍ମରେ ଧର୍ମ ପାଖରେ କିଛି ଲେଖା ନ ହୋଇଥିବାର ଦେଖି ପୀତାମ୍ବର ମାଷ୍ଟ୍ରେ ହସିହସି ପଚାରିଲେ, ''ବଡ଼ ଅଡୁଆରେ ପଡୁଛି ଆଜ୍ଞା ! ରିଲିଜିୟନ୍‌ରେ ତା'ହେଲେ କ'ଣ ଲେଖିବି ?''

ଏଥର ଭଦ୍ରଲୋକ ଖୁବ୍ ଗମ୍ଭୀର ଭାବରେ ଉତ୍ତର ଫେରେଇଲେ, ଲେଖିଦିଅନ୍ତୁ 'ହ୍ୟୁମାନ୍-ଇଜିମ୍'।

ପୀତାମ୍ବର ମାଷ୍ଟ୍ରେଙ୍କ ଆଖି ବିସ୍ତାରିତ ହୋଇ ଉଠିଲା। ତାଙ୍କ ଜ୍ଞାନ ଗରିମାରେ ଏଭଳି ଧର୍ମର ନାଁ ସେ କେବେ ଶୁଣି ନ ଥିଲେ।

ଯେ ଆଖି ବୁଜିଦେଲେ। ତା'ପରେ ଚେୟାର ଛାଡ଼ିଥିଲେ।

ନମସ୍କାର ଓ ପ୍ରତିନମସ୍କାର ପରେ, ପୀତାମ୍ବର ମାଷ୍ଟ୍ରେ ରାସ୍ତାରେ ଗଲାବେଳେ ମନେମନେ ଭାବୁଥିଲେ, ସେ ଏତେ ବର୍ଷ ଧରି ସ୍କୁଲ୍‌ରେ ପିଲାଙ୍କୁ ସିନା ପାଠ ପଢ଼ଉଥିଲେ, ହେଲେ ଅସଲ ଜୀବନ ବିଦ୍ୟାଳୟରେ ପଢ଼ି ନ ଥିଲେ।



# କାଦମ୍ବିନୀର ହସ

**ସଚ୍ଚିଦାନନ୍ଦ ଶତପଥୀ**

କାଦମ୍ବିନୀ ହସିଲା।

ଟିକିଏ ଦୂରରେ ଠିଆ ହୋଇ ଅମରେଶ ଆଉ ସୁବାସ ନିଜ ଭିତରେ କିଛି କଥାବାର୍ତ୍ତା ହେଉଥିଲେ। ସୌରଭ ଲକ୍ଷ୍ୟ କରି ଜାଣିପାରିଲା, ଅମରେଶ ଆଉ ସୁବାସ କାଦମ୍ବିନୀ ବିଷୟରେ ହିଁ କଥା ହେଉଥିଲେ ଏବଂ କାଦମ୍ବିନୀ ସେମାନଙ୍କ କଥା ଶୁଣି ହସୁଥିଲା। ଆହୁରି ମଧ୍ୟ ସୌରଭ ଲକ୍ଷ୍ୟ କଲା, କାଦମ୍ବିନୀ ହସିବା ବେଳେ ତା' ପାଖରେ ଠିଆ ହୋଇଥିବା ତା' ସାଙ୍ଗ ଝିଅଟିର ମୁହଁ କେମିତି ଫିକା ପଡ଼ିଗଲା। ତା'ମାନେ କାଦମ୍ବିନୀର ହସ ତାକୁ ଭଲ ଲାଗୁ ନ ଥିଲା କିମ୍ବା ସେ ଚାହୁଁ ନ ଥିଲା କାଦମ୍ବିନୀ ହସୁ ବୋଲି।

ଏ କଥାର ରହସ୍ୟ ସୌରଭ କିଛି ବୁଝିପାରିଲା ନାହିଁ। ଅମରେଶ ଆଉ ସୁବାସକୁ ସେ ଜାଣେ। କାଦମ୍ବିନୀକୁ ବି ସେ ଜାଣେ। କିନ୍ତୁ କାଦମ୍ବିନୀ ପାଖରେ ଠିଆ ହୋଇଥିବା ତା' ସାଙ୍ଗ ଝିଅଟିକୁ ସେ ଜାଣି ନ ଥିଲା।

ସୌରଭ ଜାଣେ, କାଦମ୍ବିନୀ ଗୋଟେ ସ୍ୱାର୍ଥପର ଝିଅ। ନିଜର ସ୍ୱାର୍ଥ ପାଇଁ ସେ କିଛି ବି କରିପାରେ। କିନ୍ତୁ ଅମରେଶ ଆଉ ସୁବାସଙ୍କ କଥାବାର୍ତ୍ତା ଏବଂ ତା'ର ହସ ଭିତରେ କ'ଣ ଯେ ସମ୍ପର୍କ ରହିଛି, ସେ କଥା ସୌରଭ ଅନୁମାନ କରିପାରିଲା ନାହିଁ। ତାକୁ ଆହୁରି ବି ଆଶ୍ଚର୍ଯ୍ୟ ଲାଗିଲା, ଯଦି ଆର ଝିଅଟି ପ୍ରକୃତରେ କାଦମ୍ବିନୀର ସାଙ୍ଗ ହୋଇଥିବ, ତା'ହେଲେ କାଦମ୍ବିନୀର ହସରେ ସେ ନିଜକୁ ସାମିଲ କରିପାରିଲା ନାହିଁ କାହିଁକି ?

ଆଉ ଦିନକର କଥା। ସୌରଭ ଚାଲିଯାଉଥିବାବେଳେ ଦେଖିଲା କାଦମ୍ବିନୀ ଓ ତା'ର ସେଇ ସାଙ୍ଗ ଝିଅଟି ନିରୋଳାରେ ଗୋଟିଏ ଗଛମୂଳରେ ବସି କ'ଣ କଥାବାର୍ତ୍ତା ହେଉଛନ୍ତି। ସୌରଭ ସେମାନଙ୍କ କଥା ଶୁଣିବା ପାଇଁ କୌତୂହଳି ହୋଇପଡ଼ିଲା। ସେମାନଙ୍କ ଅଜାଣତରେ ଗଛ ଆଡୁଆଳରେ ଠିଆହୋଇ ସେମାନଙ୍କ କଥା ଶୁଣିବାକୁ ଚେଷ୍ଟା କଲା।

କାଦମ୍ବିନୀ ତା' ସାଙ୍ଗ ଝିଅକୁ କହୁଥିଲା, ''ଦେଖ୍ ଗୀତା, ମୁଁ ଜାଣେ, ତୁ ଅମରେଶକୁ ଭଲପାଉ। ହେଲେ ତା' ବିଷୟରେ ତୁ କିଛି ଜାଣିଚୁ ? ମୁଁ ଯେତିକି ଜାଣେ, ଅମରେଶ ଆଦୌ ଭଲ ପିଲା ନୁହେଁ। ବଡ଼ଲୋକର ପୁଅ ବୋଲି ତା'ର ଭାରି ଗର୍ବ। ପଇସାକୁ ଖାତିର କରେ ନାହିଁ। ମଦ ପିଏ, ଡ୍ରଗ୍‌ସ ବି ନିଏ। ସବୁ ଝିଅଙ୍କ ପଛରେ ଗୋଡ଼ାଏ। ସୁନ୍ଦରୀ ଝିଅଙ୍କୁ ଦେଖି ର୍‌ୟାଗିଂ କରେ। ପାଠ ବି ଭଲ ପଢ଼େ ନାହିଁ। ଠେଲିପେଲି ହୋଇ ପାସ୍ କରେ। ଏଭଳି ଗୋଟିଏ ପୁଅକୁ ଭଲ ପାଇ ତୁ କ'ଣ ଭାବୁଚୁ ଠିକ୍ କରୁଚୁ ?''

ସୌରଭ ଭାବିଲା ଓ ସେ ଝିଅଟିର ନାଁ ତା'ହେଲେ ଗୀତା। ହେଲେ ଅମରେଶ ବିଷୟରେ କାଦମ୍ବିନୀ ଯାହା କହିଲା ତାହା ତ ଆଦୌ ସତ ନୁହେଁ। ଅମରେଶ ତ ବେଶ୍ ଶାନ୍ତ, ଶିଷ୍ଟ ଆଉ ଭଦ୍ର ପିଲା। ଭଲ ପାଠ ବି ପଢ଼େ। ତା'ର ବ୍ୟକ୍ତିତ୍ୱର 'ଏକ' ବିଶେଷତା ଅଛି। ସେ କାହିଁକି ମଦ ପିଇବ ଆଉ ନିଶା ଖାଇବ ? ସେ କାହିଁକି କେଉଁ ଝିଅ ପଛରେ ଗୋଡ଼େଇବ ? ବରଂ ଅଧିକାଂଶ ଝିଅ ତାକୁ ହିଁ ଲାଇକ୍ କରନ୍ତି।

ସୌରଭ ଲକ୍ଷ୍ୟ କଲା କାଦମ୍ବିନୀର କଥା ଶୁଣି ଗୀତା କିଛି କହିଲା ନାହିଁ। ତା' ମୁହଁଟି ଶୁଖିଗଲା ଓ ଆଖି ଛଳଛଳ ହୋଇଗଲା। ତା'ର ଏପରି ଭାବକୁ ଦେଖି କାଦମ୍ବିନୀ ପୁଣି ହସିଲା। ହେଲେ ସେ ହସରେ ତା'ର ମଧୁରତା ନ ଥିଲା। ଥିଲା କ୍ରୂରତା। ହସିହସି କହିଲା, ''ଆରେ ଛାଡ଼ ରେ, ଅମରେଶ ନ ହେଲେ ନାହିଁ, ତୋ' ପାଇଁ ତ ପୁଅଙ୍କର ଲାଇନ୍ ଲାଗିଯିବ। ଏତେ ଚିନ୍ତା କରୁଚୁ କାହିଁକି ?'' ଏତକ କହି କାଦମ୍ବିନୀ ପୁଣି ହସିଲା।

ସୌରଭ ଦେଖିଲା ସେ ଦିନ ଭଳି ଏଥର ବି କାଦମ୍ବିନୀର ହସ ଗୀତାକୁ ଭଲ ଲାଗିଲା ନାହିଁ। ତା' ମୁହଁରେ ଜଟିଳ ବକ୍ରରେଖା ସବୁ ସୃଷ୍ଟି ହୋଇଗଲା।

ଆଉ କିଛି ଦିନ ପରେ ସୌରଭ ଦେଖିଲା ଗୀତା ତା' ସାମ୍ନାରୁ ତା'ରି ଆଡ଼କୁ ହିଁ ଆସୁଛି। ପାଖାପାଖି ହୋଇଯିବା ପରେ ସୌରଭ କହିଲା, 'ଟିକିଏ ଶୁଣିବ' ? ଗୀତା ଅଟକି ଗଲା। ସୌରଭ ପଚାରିଲା, ତମେ ଗୀତା ତ ? ମାନେ କାଦମ୍ବିନୀର ସାଙ୍ଗ। ଗୀତା କିଛି କହିଲା ନାହିଁ। ଆଶ୍ଚର୍ଯ୍ୟରେ ସୌରଭ ମୁହଁକୁ ଚାହିଁଲା। ମୁହଁଟି ତା'ର ସତେ ଯେମିତି ଝାଉଁଳି ପଡ଼ିଥାଏ। ସୌରଭ କହିଲା, ''ତମେ ମତେ ଚିହ୍ନିନା। ମୁଁ ସୌରଭ। ଅମରେଶର ସାଙ୍ଗ। ସେଦିନ କାଦମ୍ବିନୀ ତୁମକୁ ଯାହାସବୁ କହିଗଲା ମୁଁ ଶୁଣିଚି। ତମକୁ ସେ ସବୁ କହିବି ବୋଲି ମନେମନେ ଖୋଜୁଥିଲି। ଯାହା ହେଉ ଆଜି ଦେଖା ହୋଇଗଲା। ମୁଁ ଜାଣିବାରେ ଅମରେଶ ସେମିତି ପିଲା ନୁହେଁ। କାଦମ୍ବିନୀ ତମର ବେଷ୍ଟ ଫ୍ରେଣ୍ଡ ହୋଇ ଏମିତି କହିପାଇଲା କେମିତି ? ତମେ କ'ଣ ତା' କଥାକୁ ବିଶ୍ୱାସ କରିଚ ?''

ଗୀତା କିଛି କହିଲା ନାହିଁ। ତା' ମୁହଁ ଆହୁରି ଶୁଖିଗଲା। ସେ ତଳକୁ ମୁହଁ ପୋତି ଠିଆ ହେଲା। ସୌରଭ କହିଲା, ଦେଖ ମୁଁ ତମକୁ ଚିହ୍ନି ନ ଥିଲି। ସେଦିନ କାଦମ୍ବିନୀ ମୁହଁରୁ ତମର ନାଁ ଶୁଣିଲି। ତମେ ବି ମତେ ଜାଣିନ। କିନ୍ତୁ କଥାଟା ଯେତେବେଳେ ଅମରେଶକୁ କେନ୍ଦ୍ର କରି, ସତ କଥାଟା କହିବାକୁ ମୁଁ ବାଧ୍ୟ ହେଲି। ତମେ ଟିକେ ଭଲକରି ଚିନ୍ତା କରିବ।'' ଏତିକି କଥା ଭିତରେ ହଠାତ୍ କାଦମ୍ବିନୀ ସେଠାରେ ପହଞ୍ଚିଗଲା ଓ ସେ ଦୁହିଁଙ୍କୁ ଦେଖି ହସି ପକାଇଲା। କହିଲା, ''ହାଏ ସୌରଭ, ହାଏ ଗୀତା, ତମେ ଦି' ଜଣ ଏଠି କ'ଣ କରୁଚ ? ଆ' ଗୀତା ଯିବା। ତୋ' ପାଖରେ ମୋର ଟିକେ କାମ ଅଛି।'' ଏହା କହି ଗୀତାକୁ ଟାଣିନେଇ ପୁଣି ହସିହସି ଚାଲିଗଲା କାଦମ୍ବିନୀ। ଗୀତା କିଛି କହି ପାଇଲା ନାହିଁ। ସୌରଭ ମୁହଁକୁ ଚାହିଁଥିଲା କେବଳ। ସୌରଭ ଲକ୍ଷ୍ୟ କଲା କାଦମ୍ବିନୀର ସେଇ ହସ ମଧ୍ୟ ସହ୍ୟ ନ ଥିଲା। କେମିତି ଗୋଟାଏ ଦୁଷ୍ଟାମି ସେଥିରେ ଫୁଟି ଉଠୁଥିଲା।

ସୌରଭକୁ ଏସବୁ କିଛି ଭଲ ଲାଗୁ ନ ଥିଲା। ଆଉ ଦିନେ ପାର୍କରେ ସେ ଯାହା ଦେଖିଲା, ନିଜ ଆଖିକୁ ବିଶ୍ୱାସ କରିପାରିଲା ନାହିଁ। ବ୍ୟସ୍ତ ବିବ୍ରତ ହୋଇ ସେଠାରୁ ଚାଲି ଆସିବା ବେଳକୁ ଦେଖିଲା ଗୋଟିଏ ଗଛ ମୂଳରେ ଏକୁଟିଆ ଠିଆ ହୋଇଛି ଗୀତା। ସୌରଭ ତା'ପାଖକୁ ଯାଇ ପଚାରିଲା, ''ଆରେ ଗୀତା ! ତମେ ଏଠି ଏକା କ'ଣ ଠିଆ ହୋଇଛ ?'' ସୌରଭକୁ ଦେଖି ଗୀତା ଟିକିଏ ଆଶ୍ଚର୍ଯ୍ୟ ହୋଇଗଲା। କହିଲା, ''ନାଇଁ କାଦମ୍ବିନୀ ସାଙ୍ଗରେ ବୁଲିବାକୁ ଆସିଥିଲି। କାଦମ୍ବିନୀ ତା'ର କୋଉ ରିଲେଟିଭ୍‌କୁ ଦେଖି ତା' ସହିତ କଥା ହେବାକୁ ଯାଇଛି। ଏଇନେ ଆସିଯିବ।'' ସୌରଭ କହିଲା, ''ଗୀତା ତମେ କାଦମ୍ବିନୀକୁ ଏତେ ବିଶ୍ୱାସ କରୁଛ ? ମୋ' ସାଙ୍ଗରେ ଟିକେ ଆସ ତ, ତମକୁ ଗୋଟାଏ କଥା ଦେଖାଇବି। ଗୀତା କିଛି ବୁଝିପାରିଲା ନାହିଁ। ସୌରଭ ମୁହଁକୁ ଚାହିଁଲା। ସେ କିଛି କହିବା ଆଗରୁ ସୌରଭ ଜୋର୍ କରି ତା'ର ହାତ ଧରି ଟାଣି ନେଲା ଖଣ୍ଡେ ଦୂରକୁ। ସେଠାରେ ଗୀତା ଯାହା ଦେଖିଲା ତା' ମୁଣ୍ଡ ଘୂରାଇ ଦେଲା। ଅମରେଶର କୋଳରେ ମୁଣ୍ଡ ରଖି ଶୋଇଛି କାଦମ୍ବିନୀ। ଅମରେଶର ବେକ ଚାରିପଟେ ହାତ ଗୁଡ଼େଇ ଆଣିଥାଏ। ଅମରେଶ କାଦମ୍ବିନୀର ମୁଣ୍ଡ ଆଉଁସୁଥାଏ, ଆଉ ଗାଲକୁ ଚିପି ଦେଉଥାଏ। କାଦମ୍ବିନୀ କହୁଥାଏ, ''ମୁଁ ତମକୁ ଭଲପାଏ ଅମରେଶ, ବହୁତ ଭଲପାଏ। ତମ ବିନା ମୁଁ ବଞ୍ଚିପାରିବି ନାହିଁ। ତମେ ମତେ ଠକି ଦବ ନାହିଁ ତ ? ତମେ ମତେ ଛାଡ଼ି ଆଉ କାହାରି ହେଇଯିବନି ତ !'' ଅମରେଶ କହୁଥାଏ, ''ସେମିତି କ'ଣ କହୁଛ କାଦମ୍ବିନୀ ! ମୋ' ଭଲପାଇବା ଉପରେ କ'ଣ ତମର ଭରସା ନାହିଁ ?'' ଏହା କହି ତାକୁ ଆହୁରି ନିବିଡ଼ ଭାବରେ ଭିଡ଼ି ଧରୁଥାଏ। ପୁଣି କହୁଥାଏ, ''ମୁଁ ତମରି, କେବଳ ତମରି, ଆଉ କାହାରି ବି ନୁହେଁ।''

ଗୀତା ଦେଖିଲା, ଏତିକି କଥାରେ କାଦମ୍ବିନୀ ହସି ଉଠିଲା ଖିଲିଖିଲି ହୋଇ। ସେ ହସୁଥିଲା ଗର୍ବର ହସ, କିଛି ଗୋଟାଏ ଜିତିବାର ହସ, କିଛି ଗୋଟାଏ ହାସଲ କରିବାର ହସ। ସେ ହସର ଲହରି ଆସି ପ୍ରତିଧ୍ୱନିତ ହୋଇଗଲା ଗୀତାର କାନ ପାଖରେ। ଆଉ ବେଶି କିଛି ଦେଖିପାରିଲା ନାହିଁ ଗୀତା। ଛଳଛଳ ଆଖିରେ ସୌରଭର ମୁହଁକୁ ଚାହିଁ ରହିଲା ଯାହା। ସୌରଭ କହିଲା, ''ଦେଖିଲ ତ, ଏଇ ହଉଛି ତମର ବେଷ୍ଟ ଫ୍ରେଣ୍ଡ, ଯେ କି ଅମରେଶ ବିରୋଧରେ ତମ ଆଗରେ ସଫେଇ ଦଉଥିଲା।''

ଗୀତା କିଛି କହିପାରିଲା ନାହିଁ। ସୌରଭର ହାତକୁ ନିଜ ହାତରେ ଜାବୁଡ଼ି ଧରି କହିଲା, ''ଚାଲ ସୌରଭ, ଆମେ ଏଠାରୁ ପଳେଇବା ପ୍ଲିଜ୍।'' ଅମରେଶ ଆଉ କାଦମ୍ବିନୀକୁ ପଛରେ ପକାଇ ଦୁହେଁ ଆଗେଇ ଗଲେ ହାତ ଧରାଧରି ହୋଇ। ସେ ପର୍ଯ୍ୟନ୍ତ ବି ଗୀତାର କାନରେ ପ୍ରତିଧ୍ୱନିତ ହେଉଥାଏ କାଦମ୍ବିନୀର ସେଇ ହସ- କ୍ରୂରତାର ହସ, ଶଠତାର ହସ, ପ୍ରବଞ୍ଚନାର ହସ।

- ପ୍ରାକ୍ତନ ସହକାରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ
ନିମନ୍ତ୍ରଣ, ୮୯, ଶକ୍ତିନଗର, ଲିଙ୍କରୋଡ଼, କଟକ

# ପ୍ରତୀକ, ଚିତ୍ରକଳ୍ପରେ ଧରାଦେଇ ଧରାଦିଏନା କବିତା...

ଅବଲୋକନ


ଡ. ରମାକାନ୍ତ ରାଉତ

ସମାଲୋଚନାରେ ଚିତ୍ରକଳ୍ପ, ମିଥ୍ ଓ ଆର୍କିଟାଇପ୍ ପରି ପ୍ରତୀକର ଅପରିହାର୍ଯ୍ୟ ଅବଦାନ ରହିଛି। ଫରାସୀ ପ୍ରତୀକବାଦୀମାନେ ଏ କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଛନ୍ତି। ତାହା ଏମାନଙ୍କ ବାଟଦେଇ ଇଂଲଣ୍ଡକୁ ଆସିଛି। ପୂର୍ବ ପ୍ରଚଳିତ ବିଶ୍ୱାସଧାରା- 'ଗଦ୍ୟ ବା କବିତାରେ ଶବ୍ଦର ଏକଚାଟିଆ ରାଜୁତି' ଭୁଲ ବୋଲି ପ୍ରମାଣିତ ହୋଇସାରିଛି। ଅନେକ କ୍ଷେତ୍ରରେ ଭାବ ପ୍ରକାଶନରେ ଶବ୍ଦ ଅକ୍ଷମ ବା ଅସମର୍ଥ ହୋଇଥାଏ। ଆଲେନ୍‌ଟାଟେଙ୍କ ବିଶ୍ୱାସ ଯେ, 'ଶବ୍ଦ-ବ୍ରହ୍ମ' ବାସ୍ତବ ଓ ଏଥିରେ ନିହିତ ମନ୍ତ୍ରଶକ୍ତି ହିଁ ଏଇ ବାସ୍ତବତା ସୃଷ୍ଟି କରିପାରେ। ବଦ୍‌ଲେୟାର୍, ମାଲାର୍ମ ଓ ର୍ୟାମ୍ବୋଙ୍କଠୁଁ ଆରମ୍ଭକରି ଅତିବାସ୍ତବବାଦୀମାନେ (surrealists) ଏହାର ବିକଳ୍ପ ସ୍ୱରୂପ ପ୍ରତୀକ (symbol) ପ୍ରସଙ୍ଗ ଉତ୍ଥାପନ କରିଛନ୍ତି; ଯାହା ଆଧୁନିକ ସମାଲୋଚନାକୁ ବିଶେଷଭାବେ ପ୍ରଭାବିତ କରିଛି।


ସମ୍ବେଗ ଓ ଉଚ୍ଛ୍ୱାସ ହେତୁ କବିତାର ଆତ୍ମପ୍ରକାଶ ନିମନ୍ତେ ବିଶେଷ ଏକ ମାଧ୍ୟମର ଆବଶ୍ୟକତା ଥିବା କଥା ମାଲାର୍ମ କହନ୍ତି। ମାଲାର୍ମଙ୍କ କବିତା ଖୁବ୍ ଶୁଦ୍ଧ ଓ ଏହାର ନାନ୍ଦନିକତା ଧ୍ୱନି ଓ ସଙ୍ଗୀତ ମାଧ୍ୟମରେ ପ୍ରକଟିତ ହୋଇଥାଏ। ମାଲାର୍ମଙ୍କ ଭାଷାରେ- "Poetry is the expression by means of human language restored to its essential rhythm of mysterious sense of the as-pects of existence: it endows our sojourn with authenticity and constitutes the spiritual task. [Message poetique du sybolism II-321, 1886]"



ଚାର୍ଲସ ବୋଦଲେୟାର



ଷ୍ଟିଫେନ୍ ମାଲାର୍ମେ



ଆର୍ଥର ର୍ୟାବେଁ

କବିତା ମଣିଷର ଭାଷାରେ ହିଁ ଲେଖାଯାଏ। ଏହା ରହସ୍ୟମୟ, ନାନ୍ଦନିକ ଓ ଅଧ୍ୟାତ୍ମ। ଏହା ସାଂସ୍କୃତିକ, ଜାତୀୟ ଓ ସାଙ୍ଗୀତିକ। ତେଣୁ ମାଲାର୍ମଙ୍କୁ ପ୍ରତୀକବାଦୀ ଆନ୍ଦୋଳନର ସନ୍ଥ ଓ ଯୋଗୀ (Saint and sage) ବୋଲି କୁହାଯାଏ। ସଚେତନ ଜଗତରୁ କବି ବସ୍ତୁ ଆହରଣ କରି ନିଜର ବା ନିଜ ସ୍ୱପ୍ନର ଏକ ପ୍ରତୀକ ରୂପ ଆଙ୍କେ ଏବଂ ସେଇ ପ୍ରତୀକ ଚିତ୍ରରୁ ସେ ଆତ୍ମାକୁ ସନ୍ଦର୍ଶନ କରିବାର ମାର୍ଗ ପାଇଯାଏ। ପ୍ରତୀକବାଦୀ ଆନ୍ଦୋଳନର ବାର୍ତ୍ତାବହ ଥିଲେ ର୍ୟାମ୍ବୋ। ସେ ଥିଲେ ଅତିବାସ୍ତବବାଦୀ। ତାଙ୍କ କବିତା ଉପସ୍ଥାପନାର ତରିକା ଥିଲା ଅଣପାରମ୍ପରିକ ଓ ଯୁକ୍ତିରେ ଅଧରା। ସେ କହନ୍ତି- କବି ଜଣେ ଦ୍ରଷ୍ଟା, ଜଣେ ବାର୍ତ୍ତାବହ ଭାବେ ନିଜକୁ ସାବ୍ୟସ୍ତ କରେ ଦୀର୍ଘଦିନର ଅଭିଜ୍ଞତା ଓ ଅଂସଲଗ୍ନ ଅବବୋଧକୁ ଏକତ୍ର କରି। କବିତାରେ ଏତେ ପରୀକ୍ଷାନିରୀକ୍ଷା ପରେ ଶେଷରେ କବିତା ପ୍ରତି ବିମୁଖ ହୋଇ ସେ ତାଙ୍କର ସବୁ ପାଣ୍ଡୁଲିପି ପୋଡ଼ିଦେଇ ୟୁରୋପ ତ୍ୟାଗ କରିଥିଲେ। ଏନିଡସ୍ଟାର୍କି ତାଙ୍କ ସମ୍ପର୍କରେ କହନ୍ତି- "Perhaps Rimbaud's new form of poetry led him to a dead end."

ପ୍ରଶ୍ନ ଉଠେ, ଫରାସୀ ପ୍ରତୀକବାଦୀ ଆନ୍ଦୋଳନ କେତେଦୂର ପ୍ରାସଙ୍ଗିକ? କେହିକେହି କହନ୍ତି, ଏହା ରୋମାଣ୍ଟିକ୍ ଚେତନା ପରି ପ୍ରଭାବଶାଳୀ ଏବଂ ଏହା ମଧ୍ୟ କଲେରିଜ୍ ଓ ୱାର୍ଡସ୍‌ୱର୍ଥଙ୍କ ଭାବଧାରା ଦ୍ୱାରା ପ୍ରଭାବିତ। ଭାଲେରିଙ୍କ ମତରେ ପ୍ରତୀକବାଦ ଏକ ଶସ୍ତା ଓ ଅନାବଶ୍ୟକ ଶବ୍ଦ। ସଙ୍ଗୀତରୁ ଆରମ୍ଭ କରି ସଂସ୍କୃତି ପର୍ଯ୍ୟନ୍ତ ଏହାର ପରିସରଭୁକ୍ତ। ସେ କହନ୍ତି- ଏହାକୁ ଏକ ପୂର୍ଣ୍ଣାଙ୍ଗଧାରାରେ ପରିଣତ କରିବାକୁ ଯାଇ ଆଲାନ୍ ପୋ ଗଣିତ ଓ ରହସ୍ୟବାଦକୁ ଏଥିରେ ସାମିଲ କଲେ। କିନ୍ତୁ ଏହା ନିଃସନ୍ଦେହ ଯେ, ଫରାସୀ ପ୍ରତୀକବାଦୀ ଆନ୍ଦୋଳନ ଇଂରାଜୀ ପ୍ରତୀକବାଦୀ କବି ଓ ଲେଖକ ଟି.ଇ. ହ୍ୟୁମ୍, ଏଜ୍‌ରା ପାଉଣ୍ଡ, ଟି.ଏସ୍. ଏଲିୟଟ୍, ଡବ୍ଲ୍ୟୁ.ବି. ୟେଟ୍ସ ଓ ପୃଥିବୀର ଅନ୍ୟ ଅନେକ ସାହିତ୍ୟିକଙ୍କୁ ବହୁ ଭାବେ ପ୍ରଭାବିତ କରିଛି। ଡବ୍ଲ୍ୟୁ.ବି. ୟେଟ୍ସ କହନ୍ତି- ହୁଏତ ଏହା ସର୍ବକାଳୀନ ମାର୍ଗଦର୍ଶକ ହୋଇ ନ ପାରେ, କିନ୍ତୁ ଅବଧାରିତ ଭାବେ ଏକ ମାର୍ଗଦର୍ଶକ (legitimate road)। ଅପରପକ୍ଷରେ ସାଇମନ ଏହାକୁ ଶବ୍ଦ ଚିତ୍ରାଙ୍କନ ବୋଲି ବିଦ୍ରୂପ କରି କହନ୍ତି: "to build in brick and mortar in-side the covers of a book." ଅର୍ଥାତ୍ ପ୍ରତୀକବାଦ ହେଉଛି 'ବହିର ଦୁଇ ମଲାଟ ମଝିରେ ଇଟା ଓ ସିମେଣ୍ଟର ଏକ ପଲସ୍ତରା'।

ରୁଷରେ ପ୍ରତୀକବାଦୀ ଆନ୍ଦୋଳନ ତିଷ୍ଠି ପାରିଲା ନାହିଁ। କେବଳ ମାୟାକୋଭୋସ୍କି ଓ ୟେସେମିନ୍‌ଙ୍କଠି ସୀମିତ ରହିଗଲା। ଆମେରିକା ଓ ଇଂଲଣ୍ଡକୁ ଆସିବା ପରେ ଯାଇ ଏହା ଅନ୍ୟତ୍ର ପ୍ରସାରିତ ହୋଇଥିଲା। ୧୯୧୨ ମସିହାରେ ଚିତ୍ରକଳ୍ପବାଦୀ ଆନ୍ଦୋଳନ ଏଜ୍‌ରା ପାଉଣ୍ଡ ଓ ସହଯୋଗୀ କବି ହିଲାଡୁଲିଟ୍ଲ, ରିଚାର୍ଡ ଆଲଡିଂଟନ୍ ଏବଂ ଏଫ୍.ଏସ୍. ଫ୍ଲିଣ୍ଟ ତଥା ଟି.ଇ. ହ୍ୟୁମଙ୍କ ପ୍ରୋତ୍ସାହନରେ ଇଂଲଣ୍ଡ ଓ ଆମେରିକାରେ ପ୍ରସାରିତ ହେଲା। ଏନ୍‌ସାଇକ୍ଲୋପେଡିଆ ବ୍ରିଟାନିକାରେ କୁହାଯାଇଛି, ଚିତ୍ରକଳ୍ପବାଦ ଫରାସୀ ପ୍ରତୀକବାଦର ଫଳଶ୍ରୁତି। ପାଉଣ୍ଡ ୧୯୧୪ ଖ୍ରୀଷ୍ଟାବ୍ଦରେ ଭର୍ଟିଜିମ୍ ଆଡ଼କୁ ଢଳିଲେ ଓ ଏମିଲୋଏଲ ତା'ର ନେତୃତ୍ୱ ନେଲେ। ଅନ୍ୟ ଚିତ୍ରକଳ୍ପବାଦୀ କବିମାନଙ୍କ ମଧ୍ୟରେ ହେରିଏଟ୍ ମନ୍‌ରୋ, ମେରିଆନା ମୁର୍, ୱାଲେସ୍‌ଷ୍ଟିଭେନ ଓ ଯୋଶେଫ୍ କର୍ନାଡ୍ ପ୍ରମୁଖଙ୍କ କବିତା ପ୍ରଣିଧାନଯୋଗ୍ୟ। ଏସବୁ ସତ୍ତ୍ୱେ ଏହି ଆନ୍ଦୋଳନ ଯେ ବେଶୀଦିନ ସ୍ଥାୟୀ ହୋଇ ନ ଥିଲା- ସମ୍ଭବତଃ ଏହାର କାରଣଟି ହେଲା- ପ୍ରତୀକ ଓ ଚିତ୍ରକଳ୍ପ କବିତାକୁ ପୂର୍ଣ୍ଣତଃ ଧରି ରଖିବାର ଯେତେ ଶକ୍ତିଶାଳୀ ଉଦ୍ୟମ ହେଲେ ବି ଅନ୍ୟ ବହୁ ଆନ୍ଦୋଳନ ପରି ଏଥିରେ ବି ଧରାଦେଇ ଧରାଦିଏନା କବିତା।

# ନିକିର ପାପା

ମୀନାକ୍ଷୀ ଦେବୀ



ଲଘୁ ଗଳ୍ପ

ଘରେ ସମସ୍ତେ କାନ୍ଦୁଥିଲେ। ମାମା, ଜେଜେମା', ଜେଜେବାପା, କାକା ଆଉ ସାଇପଡ଼ିଶା ଲୋକ ବି...। ନିକି କିଛି ବୁଝିପାରୁ ନ ଥିଲା। ସମସ୍ତେ କହୁଥିଲେ ତା' ପାପାଙ୍କୁ କିଏ ମାରିଚି। ତା' ପାପା ଶହୀଦ ହେଇଛନ୍ତି। ଶହୀଦ୍ ହେବା ଅର୍ଥ କ'ଣ ତିନିବର୍ଷର ଟିକିଝିଅ ନିକି ମୁଣ୍ଡରେ ପଶୁ ନ ଥିଲା। ସେ ଖାଲି ଭାବୁଥିଲା, ତାକୁ ସେଦିନ ବୁବୁଭାଇ ମାରିଥିଲା, ତା' କଣ୍ଢେଇ ଛଡ଼େଇ ନେଇଥିଲା। ମାମା ଯାଇ ବୁବୁଭାଇକି କେତେ ଗାଳିଦେଲେ। ପାପାଙ୍କ ମାମା ତ ଜେଜେମା'। ଜେଜେମା' କାନ୍ଦୁଛନ୍ତି କାହିଁକି? ପାପାଙ୍କୁ ଯିଏ ମାରିଚି, ଜେଜେମା' ଯାଇ ତାକୁ ଗାଳି ଦେଉ ନାହାନ୍ତି। ସେଦିନ ନିକି କାନ୍ଦୁଥିବାରୁ ମାମା' ଯାଇ ତାକୁ ବୁଝେଇ ଶୁଝେଇ ଘରକୁ ନେଇ ଆସିଥିଲେ। ପାପା ବି କାନ୍ଦୁଥିବେ। ଜେଜେମା' ଯାଇ ପାପାଙ୍କୁ ବୁଝେଇ ଶୁଝେଇ ଘରକୁ ନେଇ ଅସୁ ନାହାନ୍ତି କାହିଁକି? ପିଲାଙ୍କ ପରି ଜେଜେମା ନିଜେ କ'ଣ କାନ୍ଦୁଛନ୍ତି।

ନିକିର ଟିକିମନରେ ଅନେକ ପ୍ରଶ୍ନ ତାକୁ ଅସ୍ଥିର କରୁଥିଲା। ସମ୍ଭାଳି ନ ପାରି ନିକି ଜେଜେମା'ଙ୍କ ପାଖକୁ ଯାଇ ତା' କୁନିହାତରେ ତାଙ୍କ ଲୁହ ପୋଛିଦେଲା। "ସେମାନେ କାଇଁକି ପାପାଙ୍କୁ ମାରିଲେ, ତୁମେ ଯାଅ ସେମାନଙ୍କୁ ମାର। ପାପାଙ୍କୁ ଘରକୁ ନେଇ ଆସ... ନ ହେଲେ ଆହୁରି ମାରିବେ"। ନିକି ତା' ଦରୋଟି ଭାଷାରେ ଜେଜେମା'ଙ୍କ ମୁହଁକୁ ଚାହିଁ ଏମିତି କେତେ କ'ଣ କହି ଚାଲିଥିଲା। ଲୋକଙ୍କ ଗହଳି ଭିତରେ ଜେଜେମା'ଙ୍କୁ ନିକିର କଥା ଶୁଭୁଥିଲା କି ନାହିଁ କେଜାଣି, ସେ କିନ୍ତୁ ନିକିକୁ ନିଜ ଛାତିରେ ଚାପିଧରି ଆହୁରି ଜୋର୍‌ରେ କାନ୍ଦି ଉଠିଲେ।

ପରଦିନ ଫୁଲମାଳ ଘୋଡ଼େଇହୋଇ ନିକିର ପାପା ଆସିଲେ। "ବୀର ଶହୀଦ ଅମର ରହେ" ଶବ୍ଦରେ ଚାରିଆଡ଼ କମ୍ପିଉଠୁଥାଏ। ନିକି କିନ୍ତୁ ଭାବୁଥାଏ ପାପା ଶୋଇଛନ୍ତି କାହିଁକି? ଦିନରେ କ'ଣ କେହି ଶୁଏ? ଏତେ ପାଟିତୁଣ୍ଡରେ ବି ପାପାଙ୍କ ନିଦ ଭାଙ୍ଗୁନି। ସେ ସକାଳୁ ନ ଉଠିଲେ ଜେଜେମା' କହନ୍ତି ନିକିର କୁମ୍ଭକର୍ଣ୍ଣିଆ ନିଦ। ଦିନସାରା ଡେଇଁ ଡେଇଁ ହାଲିଆ ହେଇଯାଇଚି। ପାପାବି ସେମିତି ହାଲିଆ ହେଇଯାଇଛନ୍ତି ବୋଧେ। କୁମ୍ଭକର୍ଣ୍ଣିଆ ନିଦ ହେଇଚି ତାଙ୍କୁ, ହଉ ଶୁଅନ୍ତୁ...।

ନିକି ପୁଣି ଭାବୁଥିଲା ପାପା ଏ ଫୁଲଗୁଡ଼ାକ ଘୋଡ଼େଇ ହେଇଛନ୍ତି କାହିଁକି? ତାଙ୍କୁ ବୋଧେ ଶୀତ ହେଉଛି। ଶୀତ ହଉଚି ଯଦି ରେଜେଇ ଘୋଡ଼େଇ ହଉ ନାହାନ୍ତି। ନିକି ଭାବୁଥିଲା ଯାଇ ମାମା'ଙ୍କୁ କହିବ, ସବୁଠୁ ବଡ଼ ରେଜେଇଟା ପାପାଙ୍କୁ ଘୋଡ଼େଇ ଦେବ, ଯୋଉ ରେଜେଇଟା ପାପା ଆସିଲାବେଳେ ଏଇ ଶୀତ ଦିନରେ ସେମାନେ ତିନିଜଣ ମିଶି ଘୋଡ଼େଇ ହେଉଥିଲେ।

## ପଖାଳ... (୩ୟ ପୃଷ୍ଠାରୁ)

ମହିଆ ଆଜି ବହୁତ ଖୁସି। ସେ ଚୋର ହେଉପଛେ ଯାହା ଚାହିଁଥିଲା, ତାହା ପାଇଛି। ସେଇ ସୁନା କାନଫୁଲ ହଳକ ଏବେ ତା'ପାଖରେ। କଥା କଣକି, ଆଟାଚି ଖୋଲି କାନଫୁଲ ହଳକୁ ମହିଆ ତା' ଚଡ଼ି ଭିତରେ ଥିବା ପକେଟରେ ଲୁଚାଇ ରଖିଥିଲା। କାଲେ ଭାଗବଣ୍ଟାବେଳେ ଚଇତନିଆ ତାକୁ ଦେବ କି ନ ଦେବ। ତା'ର ସବୁ ପରିଶ୍ରମ ବୃଥା ହୋଇଯିବ। ପୋଲିସ ଖାନ୍‌ତଲାସ ବେଳେ ତନତନ କରି ମହିଆକୁ ଚେକ୍ କରିଛି। କିନ୍ତୁ କିଛି ହେଲେ ତା'ଠାରୁ ପାଇନି। ପାଇବ କେମିତି, ଅସଲ ଜାଗାରେ ତ କାନଫୁଲ ଅଛି।

ମହିଆ ନଈକୂଳରେ ଛକି ବସିଥାଏ କେମିତି ବେଲାକୁ ସାକ୍ଷାତ୍ କରିବ। ଦିନେ ନିଛାଟିଆ ବେଳେ ବେଲାକୁ ପାଇ କାନଫୁଲ ହଳକ ତା' ହାତରେ ଧରାଇ ଦେଲା। ଏତେ ସୁନ୍ଦର କାନଫୁଲ ଦେଖି ବେଲା ଫିକ୍ କରି ହସିଦେଲା। ସେଇ ହସରେ ମହିଆ ସବୁ କିଛି ପାଇଗଲା। ସେ ଭାବିଲା ସତରେ ପଖାଳ ତା'ପାଇଁ କାଳ ନୁହେଁ। ପଖାଳ ତାକୁ ଅଟକାଇ ଦେଇଥିବା ହେତୁ କାନଫୁଲ ହଳକ ସେ ପାଇଛି। ବେଲା କାନଫୁଲ ହଳକ ହାତରେ ପରଖି ପରଖି କହିଲା- ମହିଆ ଭାଇ ଏଇ କାନଫୁଲକୁ ତୁମେ କ'ଣ କିଣିଛ?

ମହିଆ କିଛି କହିପାରିଲାନି। ବେଲା କହିଲା- ମୁଁ ସବୁ ବୁଝିଗଲି। ତମେ ଯେଉଁଦିନ ନିଜେ କିଣି ମୋତେ ପିନ୍ଧେଇବ ମୁଁ ବହୁତ ଖୁସିହେବି। ତୁମେ ରୋଜଗାର କର। ତା' ପରେ ମୋତେ ଉପହାର ଦେବ। ଏଇ ଫୁଲ ହଳକୁ ମହାନ୍ତି ଘରେ ମୁଁ ଫେରାଇ ଦେଉଛି। ଆଉ ମନେରଖ, ମୁଁ ତୁମକୁ ପୂର୍ବରୁ ଯେମିତି ଭଲ ପାଉଥିଲି ଏବେବି ସେମିତି ଭଲପାଉଛି। ତୁମକୁ ପାଇବା ପାଇଁ ମୁଁ ଅପେକ୍ଷା କରି।

ମହିଆ ଏବେ ବଦଳି ଯାଇଛି। କୋଡ଼ିଆ ହୋଇ ଘରେ ବସୁନି। ଦୁଇ ପଇସା ରୋଜଗାର କରିବା ପାଇଁ ଫନ୍ଦିଫିକର କଲାଣି। ଏବେ ସେ ସମୟ ନାହିଁ।

- ସା/ପୋ- ନିଆଳି, କଟକ

# ଦ୍ରବ: ଦରଜ

**ଅଂଶୁସ୍କାନ୍ତ**

ଜୀବନ ଉଜାଗର
ଦିବସ ରାତ୍ରି ଉଜାଗର
ଉଜାଗର ହେଇ
ଜଳେ ମୋ' ହୃଦୟ ଜାଗର
ହୁଁ, ହୁଁ
ମୁଁ ସେଇ ଶାଳଭଞ୍ଜିକା !

ଶାଳଭଞ୍ଜିକାର ସ୍ୱପ୍ନ ଥିଲା
ସେ ପାଇବ 'ଉତ୍ତମ ଚରିତ୍ର ପଞ୍ଜିକା'
ଦିନ ଥିଲା, ସେ ଥିଲା ଏକ
ଜୀବନ ପତ୍ରିକା !
ସହିତ ଯାଉଥିବା ସାହିତ୍ୟ
ବୁଦ୍ଧି ବଢ଼ଉଥିବା ବିଜ୍ଞାନ
ମୋଡ଼ ଭାଙ୍ଗି ଚାଲିଯାଉ ନ ଥିବା ଇତିହାସ
ଈଶ୍ୱରଙ୍କୁ ଦର୍ଶନ କରାଉଥିବା
ଦର୍ଶନ !

ସେ କେବଳ ପତ୍ରିକା ନ ଥିଲା
ଥିଲା ଏକ ଆନ୍ଦୋଳନ
ଏବେ ସେ ସମ୍ପୂର୍ଣ୍ଣ ପାରିବାରିକ ପତ୍ରିକା !
ଏବେ ସଙ୍କଟରେ ଶଢ଼େ ଦର୍ଶନ
ଇତିହାସ ଭୁଲ୍ ମୋଡ଼ ନିଏ
ସବୁଠି ସେ ମରେ, ମାଡ଼ଖାଏ !

ଶାଳଭଞ୍ଜିକାର ସ୍ୱପ୍ନ ଆଉ ସ୍ୱପ୍ନ ନୁହେଁ
ଦୁଃସ୍ୱପ୍ନ, ସେ ଏବେ
ଲୋକଙ୍କ ଆଖିରେ
ଚରିତ୍ରହୀନ ।

– ବନଦୁର୍ଗା ମନ୍ଦିର ନିକଟ, ସୁନ୍ଦରଗଡ଼




# ଗରିବ ଝିଅର ଗୀତ

**ସତ୍ୟ ପଟ୍ଟନାୟକ**

ଦଧିନଉତି ଉପରେ
ଫରଫର ଉଡୁଥିବା ବାନା ପରି
ଉଡ଼ିବାକୁ ଚାହେଁ ତା'ର ମନ
ମେରିଖୁଣ୍ଟର ବଳଦ ପରି
ସେ କିନ୍ତୁ ବାନ୍ଧିରଖେ ମନକୁ
ତା' ହାତରେ ଦାୟିତ୍ୱବୋଧର ପାଞ୍ଚଣ ।

ଗରିବ ଝିଅ ଜାଣେ
ତା'ର ଅକ୍ଷତ ନରମ ମନ
ଥରେ ହାତମୁଠାରୁ
ଶୁଖିଲା ବାଲି ପରି ମୁକୁଳିଗଲେ
ଝାମ୍ପିପଡ଼ିବେ ପଲପଲ ଶାଗୁଣା
କ୍ଷତବିକ୍ଷତ କରିବାକୁ
ଯେମିତି କାନ୍ଧରୁ ଶାଢ଼ି ଖସିଗଲେ
କୁନ୍ଦିପଡ଼ନ୍ତି ସହସ୍ର ଅନ୍ଧ ଆଖି
ଏକାବେଳେ ।

ସେଥିପାଇଁ ସେ
ଡେଣା କାଟିଦେଇଛି ମନର
ବୁଝାଇ ଦେଇଛିଯେ
ତା' ଆକାଶ ଚାରିହାତି କରିଆ
ଓ ତାଖଣ୍ଡେ ପେଟର ଆକାଶ
ଏଇଠି ସେ ସୀମାରେଖା ଶେଷ

ଆଗକୁ କେବଳ ଜଳନ୍ତା ନିଆଁର ସହର
ଯେତିକି ଡେଉଁବୁ ଡେଁ
କେବଳ ଏ ଚାରିହାତ
ଇଲାକା ହିଁ ତୋର ।

କେବେ କେମିତି
କେଉଁ ଆଖି ସାଙ୍ଗେ ଆଖି ମିଳିଗଲେ
ପାହାଡ଼ି ଝରଣାର ଅଣାୟତ୍ତ ପାଣି ପରି
ଚହଲିଯାଏ ତା' ମନ
ସ୍ଥିତିହରା ହୋଇଯାଏ
ଉଚ୍ଛୁଳି ଉଠେ ମୁହୂର୍ତ୍ତକ ପାଇଁ,
ଛିଟିକିପଡ଼େ କେଉଁ ପଥରର ନିର୍ଦ୍ଦୟ କୋଳରେ
ପଥର କେବେ ପାଣିର ମାୟାରେ ବାନ୍ଧିହୁଏନା
ଗରିବ ଝିଅ ମନଦେବାର ମୂଲ ପାଏନା
ଗରିବ ଝିଅ ଜାଣେ
ଏ ଅର୍ଥିତ ମନ
ଏମିତି ପଡ଼ି ରହିଥିବ
ଶିଉଳିଲଗା ଶୁଖିଲା କାଠ ଖଣ୍ଡେ ପରି
କାଳକାଳ କେବଳ ଶୂନ୍ୟତାକୁ ଚାହିଁ ।

– ୭୪୬୪ ଓ୍ୱିଡ଼ମ୍ ଲେନ୍
ଡବ୍ଲିନ୍, ଓହିଓ ୪୩୦୧୬
ଯୁକ୍ତରାଷ୍ଟ୍ର ଆମେରିକା

# ଭିନ୍ନ ଏକ ପୃଥିବୀର ସ୍ୱପ୍ନ

**ରମେଶ ପତି**

ନୂଆ ଏକ ରାସ୍ତାର ସନ୍ଧାନରେ
ଅଗ୍ରସର ବାଟୋଇ ସାମ୍ନାରେ
ଉଭା ହୋଇ ପଥରୁଦ୍ଧ କଲା
ସେଇ ଘନଘୋର ଆଦିମ ଅନ୍ଧାର...

ବିବ୍ରତ ପଥଚାରୀଟି
ରୋକ୍‌ଠୋକ୍ ଜଣାଇଲା:
ଏଇ ମୁହୂର୍ତ୍ତରେ ତୁମେ
ଅପସରି ଯାଅ
ନ ହେଲେ ତୁମ ପ୍ରଭାବରେ
ନିମ୍ନଗାମୀ ହେବ ପୁଣି
ଜୀବନର ଗତି ।

ଅତି ଗମ୍ଭୀର ମୁଦ୍ରାରେ
ଅନ୍ଧାର କହିଲା ତାକୁ
ନା, ଏଇକ୍ଷଣି ଯିବିନାହିଁ ଏଠୁ...
ମୋ' କବଳରେ ରହି
କିଛିଦିନ ଅନୁଭବ କର ପୀଡ଼ା
ଜୀବନ ପାଇଁ ସଂଘର୍ଷର କୌଶଳରେ
ପଟୁ ହେବା ପରେ
ତୁମେ ଶିଖି ସାରିଥିବ
ଆଲୋକକୁ ଆବାହନ କରିବାର
ସତ୍ୟ-ମହାମନ୍ତ୍ର ।

ନୂତନ କିରଣ ଏ ମାଟିକୁ ଛୁଇଁବାର
ସଙ୍କେତ ମିଳିଲେ
ମୁଁ ଆଉ ତୁମଠି ନ ଥିବି ।
ସେତେବେଳେ ତୁମେ ଦେଖୁଥିବ
ଭିନ୍ନ ଏକ ପୃଥିବୀର ସ୍ୱପ୍ନ ।

– ଗୋବିନ୍ଦପୁର, ଜାହାନପୁର, ଦେବୀଦ୍ୱାର,
ଯାଜପୁର

# ନୀଳ ସ୍ୱପ୍ନର ଶିଳାଲେଖ

**ନରେଶ୍ ମଣ୍ଡଳ**

ଅନ୍ଧାରର
ଅରଣ୍ୟରେ
ମୁଁ ଶୁଣିପାରୁଛି
ତମର ନିଃଶବ୍ଦ
ପାଦ ଶବ୍ଦ

ଅବଚେତନର ସ୍ପର୍ଶରେ
ଶିହରି ଉଠୁଛି
ମୋର ନିରୁକ୍ତ ଆୟୁଷ

ତମର
ଅଚାନକ ଅନୁକମ୍ପାରେ
ପୁଲକି ଉଠୁଛି
ବିଷାଦର ସମୁଦ୍ର

ତମର ନୀଳନୀଳ
ତନୁ ବନ୍ୟାରେ
ଲୁଚି ଯାଉଛି
ମର୍ମଦାହ
ପାପର ଦିଗନ୍ତ... !

– ଦେବ ନିବାସ, ପ୍ରାଚୀ ନଗର,
ମାଧବନଗର, ଭଦ୍ରକ

# ମୃତ୍ୟୁ ପାଇଁ

**ଛନ୍ଦା ମିଶ୍ର**

ଦାରୁଣ ନିଦାଘ ତାତି
ଜ୍ୟୋତ୍ସ୍ନା ପ୍ଳାବିତ ମଧୁରାତି
ଚୋରା ଚଇତିର ପ୍ରୀତି
ଅବା, ଅଜଣା କେଉଁ ଆଶଙ୍କାର ଭୀତି
ଜୀବନ ! କିଏ ବା ଶୁଣିଛି କୁହ
ତୁମ ନିଶ୍ଚୁପ୍ ଓଠର ସୁମଧୁର ଗୀତି !

କେବେ ଖାଲ, କେବେ ଢିପ, ଅବା ସମତଳ
କେବେ ପୁଣି ପିଚୁଡ଼ଳା ଶୃଙ୍ଗାର ବହଳ
କେଉଁଠି ବିରାଟ ଦ୍ରୁମର ଛାୟା ସୁଶୀତଳ
ଅବା ମରୁ ମରୀଚିକା ଜ୍ୱଳନ୍ତ ଅନଳ
ଜୀବନ ! ତୁମକୁ ବୁଝିଛି ଦେଖି
ମୃତ୍ୟୁର ଗହଳ ଚହଳ ।

ଜୀବନ ଓ ମୃତ୍ୟୁଯେ ଏକ ଓ ଅଭିନ୍ନ
ଗୋଟିଏ ଉତ୍ତର ହେଲେ ଅପରଟି ପ୍ରଶ୍ନ
କେ ନୁହେଁ ମହାନ୍ ପୁଣି କେହି ନୁହେଁ ହୀନ
ଅବା କେହି ପରିପୂର୍ଣ୍ଣ ଅଥବା ଅପୂର୍ଣ୍ଣ
ଜୀବନ ! ତୁମେ ହିଁ ତ ମୃତ୍ୟୁଦୂତ
ମୃତ୍ୟୁ ପାଇଁ ଜୀବନ ସମ୍ପୂର୍ଣ୍ଣ ।

– ୩ ଆର୍/୬, ବିଜେବି ନଗର, ଭୁବନେଶ୍ୱର

# ପଳାତକ

**ପ୍ରୀତିଲତା ପଣ୍ଡା**

ପରିଧିଟି ଅତି ସ୍ୱଚ୍ଛ
ଏବଂ ଗୋଟାଏ ବିଷାକ୍ତ
ବଳୟ ଭିତରେ ତା'ର ସ୍ଥିତି...

ଅନିର୍ଦ୍ଦିଷ୍ଟ ରାସ୍ତାରେ
ଗୋଟାଏ ଅବୈଧ ସ୍ମୃତିର
ଅସ୍ୱଚ୍ଛ ଛାଇ !
ଚାରିପଟେ ଅନ୍ଧାରର ଆଖି
ଗୋଟାଏ ପଟେ ସ୍ଥବିରତା
ଆରପଟେ ବିକଳ ଅଭାବ କିଛି
ମଝିରେ ମୁଁ...

ଅବୈଧ ବୋଲି କୁହାଯାଉଥିବା
ସ୍ମୃତି ସବୁ
ପ୍ରମତ୍ତ ଆବେଗରେ
ମୋତେ ଭିଡ଼ି ଧରୁଥିବା ବେଳେ
ପରିଧି ବାହାରେ
କ୍ରମଶଃ ହଜିଯାଉଛ ତମେ !

– ଆରଡ଼ି ଛକ, ସାମରାଇପୁର, ଭଦ୍ରକ

# ରାତିର ରାଗ

**ଭରତ ବେହେରା**

କମୁଥିଲା, ବଢୁଥିଲା ତାତି
କମୁଥିଲା ଶୈଶବର ତାଲୁରୁ ତଳିପା
ତହଳ ବିକଳ ହେଉଥିଲା ବାଲୁତ ରାଇସା ।
ରାତି, ତମର ତମତମ ରାଗ
ଫଣଫଣ ମୁହଁ, ଉଦ୍ଧତ ଚାହାଣି
କଳବଳ କରୁଥିଲା କ୍ଷୀରଖିଆ ଶିଶୁ ।
କାନ୍ଦୁଣୁମାନ୍ଦୁଣୁ ହେଉଥିଲେ ମା' ଅଜାଆଇ
ଦୂରାନ୍ତର ବାପା, ଜେଜେ, ଜେଜୀମା' ଅପା ।

ପହଞ୍ଚି ହେଲା ନାହିଁ ଗନ୍ତବ୍ୟ ସ୍ଥଳରେ
ଓହ୍ଲେଇବାକୁ ବାଧ କଲା ଶୈଶବର ପୀଡ଼ା
ରାୟଗଡ଼ା ରେଳ ଷ୍ଟେସନରେ ।
ବଢୁଥିଲା, ଗର୍ଜୁଥିଲା ଶାରଦୀୟ ରାତି
ବାଲୁତର ବିକଳ କୋହ
ଭାଙ୍ଗୁଥିଲା ନିଶାର୍ଦ୍ଧର ନମ୍ର ନିର୍ଜନତା ।
ଠକ୍‌ଠକ୍ କରିବାକୁ ହେଲା ଡାକ୍ତରଙ୍କ ଦ୍ୱାର
ରାୟଗଡ଼ା ସହରର ଏମୁଣ୍ଡ ସେମୁଣ୍ଡ
ଜିଲା ହାସ୍ପାତାଳ ଥିଲା ଅବିକଳ୍ପ ରାସ୍ତା ।

ପାହାନ୍ତାକୁ ଓହ୍ଲେଇଲା ତାତି
ଥମିଗଲା ଜର୍ଜର ରାତିର ତମତମ ରାଗ
ବାଲୁତର ଚେନାଏ ହସରେ ।
ରାତି, ତମେ ଗୋଟେ ଭୀତି ନା ସ୍ମୃତି
ଅଙ୍କା ହୋଇ ରହିଥିବ ଛାତିର ଛାତରେ
ଚାଲୁଥିବାଯାଏ ଶେଷତମ ନିଃଶ୍ୱାସ ପ୍ରଶ୍ୱାସ ।

– ଏମ୍‌ଆଇଜି-୨୨, ଜିଏସ୍ ନଗର, ଜଗତପୁର,
କଟକ




# ପହିଲି ଲେଖାର ରୋମାଞ୍ଚ ଜୀବନର ଶେଷଯାଏ ରହିବ



ଶ୍ୟାମ ପ୍ରକାଶ ସେନାପତି

**ଶ୍ୟାମ ପ୍ରକାଶ ସେନାପତିଙ୍କ ଜନ୍ମ ୧୯୭୦ରେ, ପୁରୀରେ। ସାଙ୍ଗସାଥୀ ମେଳରେ ଖେଳୁଖେଳୁ ହଠାତ୍ ଅନ୍ୟମନସ୍କ ହୋଇ ଯାଉଥିବା ଶ୍ୟାମ ପ୍ରକାଶ ଯଦିଓ ଜାଣି ନ ଥିଲେ ସେ ଦିନେ କବି ହେବେ, କିନ୍ତୁ କବିତା ଲେଖିବା ହିଁ ଥିଲା ତାଙ୍କ ଭବିତବ୍ୟ। ଏଯାବତ୍ ଚାରି ଖଣ୍ଡ କବିତା ବହିର ସେ ସ୍ରଷ୍ଟା। ନାନା ସମ୍ମାନରେ ସମ୍ମାନିତ କବିତା ରଚନାରେ ତାଙ୍କ ନିଆରାପଣ। ଫୁରସତ୍ ପାଇଁ ଆଜି ସେ ଆମ ଲାଗି ଲେଖି ଦେଇଛନ୍ତି ତାଙ୍କ ପ୍ରଥମ କବିତାର ଅଭୁଲା ଅନୁଭବ...**

ସାରସ୍ୱତ ରଚନା ଭିତରେ ନିଜକୁ ଆବିଷ୍କାର କରିବାର ଅନୁଭବ ମୋ' ପାଇଁ ଅମୃତମୟ। ପିଲାଟି ଦିନରୁ ଜୀବକୁ ନିଆରା ଭାବେ ଅନୁଭବ କରିବାର ପ୍ରେରଣା ମୋ' ଭିତରେ ସୃଷ୍ଟି ହୋଇଥିଲା। ସାଙ୍ଗସାଥୀ ମେଳର ଖେଳଘର ଛାଡ଼ି ମୁଁ ନୀରବରେ ଠିଆ ହୋଇ ଅନ୍ୟମନସ୍କ ହୋଇଯାଏ। ଗତାନୁଗତିକ ଆନନ୍ଦ, ଚିରାଚରିତ କର୍ମ ମୋତେ ସନ୍ତୋଷ ଦେଇପାରେ ନାହିଁ। ବୟସ ବଢ଼ିବା ସଙ୍ଗେସଙ୍ଗେ ମୁଁ ଅନୁଭବ କରେଯେ ଜଗତ ଓ ଜୀବନକୁ ଏକ ଭିନ୍ନ ଦୃଷ୍ଟିକୋଣ ନେଇ ଦେଖିବାର ଜିଜ୍ଞାସା କ୍ରମେ ମୋ' ଭିତରେ ସୃଷ୍ଟି ହେଉଛି। ମୋ' ଉଦାସପଣିଆକୁ ଇନ୍ଧନ ଯୋଗାଏ ଆମ ଘରର ସେତେବେଳର ପରିବେଶ। ବାପା ବୃତ୍ତିରେ ଜଣେ ଚିକିତ୍ସକ ଥିଲେ ହେଁ ପ୍ରବୃତ୍ତିରେ ଥିଲେ କଳାକାର। କଳା ଓ ସଂସ୍କୃତି ପ୍ରତି ତାଙ୍କର ଆଗ୍ରହ ଓ ନିଷ୍ଠା ଥିଲା। ଅନେକ ସମୟରେ ଆମ ଘରେ ସାହିତ୍ୟ ଓ ସଂଗୀତ ଆସର ଅନୁଷ୍ଠିତ ହେଉଥିଲା। ଏସବୁ ମନୋଜ୍ଞ ମେହେଫିଲ୍‌ରେ ମୁଁ ନିଜକୁ ହଜେଇ ଦେଉଥିଲି। ଯାହା ଖୋଜୁଥିଲି, ଏଠାରୁ ତାହା ମିଳି ଯାଉଥିଲା।

ଧୀରେଧୀରେ ମୋ' କବିତ୍ୱ କଅଁଳି ଉଠିଥିଲା। ମୋର ପ୍ରଥମ କବିତା 'ସଞ୍ଜିଲେ ବଞ୍ଚିବି' ପ୍ରଜାତନ୍ତ୍ର ମୀନାବଜାର ପୃଷ୍ଠାରେ ୧୯୮୮ ମସିହାରେ ଛପା ହୋଇଥିଲା। ସେତେବେଳେ ମୁଁ କଲେଜର ଛାତ୍ର। ବାପାଙ୍କର ଜଣେ ବନ୍ଧୁ ମୋର ଏ କବିତାଟି ପଢ଼ି ବାପାଙ୍କୁ ଜଣାଇଲେ। ବାପା ଘରକୁ ଆସି ମୋତେ ଏକଥା କହିବା ସହିତ ପ୍ରଶଂସା କଲେ। ମୋ' କବିତାର ପ୍ରକାଶିତ ରୂପ ଦେଖିବା ପାଇଁ ମୋ' ଭିତରେ ବ୍ୟାକୁଳତା ବଢ଼ିଲା। ପ୍ରଜାତନ୍ତ୍ରର ମୀନାବଜାରରେ ସେତେବେଳେ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକମାନଙ୍କ ଲେଖା ପ୍ରକାଶ ପାଉଥିଲା। କାହାକୁ ନ ଜଣାଇ କାଗଜର ଠିକଣାରେ ଲେଖାଟିଏ ପଠାଇ ଦେଇଥିବାରୁ ଓ ତାହା ପ୍ରକାଶିତ ହୋଇଥିବାରୁ ତା'ର ମୁଦ୍ରିତ ରୂପ ଦେଖିବା ପାଇଁ ମୁଁ ବ୍ୟାକୁଳ ହୋଇ ଉଠିଥିଲି।


ସେତେବେଳେ ଆମ ଘରକୁ ପ୍ରଜାତନ୍ତ୍ର ଆସୁ ନ ଥିଲା। ପ୍ରଜାତନ୍ତ୍ର ଖଣ୍ଡେ ସଂଗ୍ରହ କରିବା ପାଇଁ ବଜାରକୁ ଗଲି। ମୋ' କବିତା ଅବିକଳ ଛପା ହୋଇଥାଏ। କାଗଜ ଖଣ୍ଡେ କିଣି ମୋ' କବିତାର ମୁଦ୍ରିତ ଅକ୍ଷରଗୁଡ଼ିକୁ ଆଉଁଶି ଦେଲି। ମୋ' ଦେହରେ ଏକ ଅପୂର୍ବ ଶିହରଣ ଖେଳିଗଲା। ମୁଁ ଯେ କବିତା ଲେଖିପାରିବି ଏପରି ଏକ ବିଶ୍ୱାସ ମୋ' ଭିତରେ ସୃଷ୍ଟି ହେଲା। ଘରକୁ ଆସି ମୁଁ ବାରମ୍ବାର ସେଇ କବିତାଟିକୁ ପଢୁଥାଏ। ମୋର ଏଇ ଆଗ୍ରହକୁ ମୋ' ବୋଉ ଲୁଚିଲୁଚି ଦେଖୁଥାଏ। ମୋତେ କୋଳେଇ ନେଇ ଆହୁରି ଅଧିକ କବିତା ଲେଖିବା ପାଇଁ ପରାମର୍ଶ ଦେଲା। ବୋଉ ମୁହଁରେ ଆନନ୍ଦର ହସରେଖା ମୁଁ ଲକ୍ଷ୍ୟ କଲି। ଆମ ଘରର ଠିକଣା ଖବରକାଗଜ ପୃଷ୍ଠାରେ ଥିବାରୁ ବାପା ମଧ୍ୟ ଖୁସି ଥିଲେ। ସେଦିନର ସେହି କାଗଜଟିକୁ ଆଜି ପର୍ଯ୍ୟନ୍ତ ମୁଁ ସାଇତି ରଖିଛି। ଜୀବନର ଏଇ ସ୍ମରଣୀୟ ଘଟଣାଟିର ସ୍ମୃତି ଏବେ ବି ମୋ' ଭିତରେ ତାଜା ଅଛି।

ଏଯାବତ୍ ମୋର ୪ଟି କବିତା ସଂକଳନ, ଏକାଧିକ ଗଳ୍ପ, ପ୍ରବନ୍ଧ, ଫିଚର ଓ ସଂପାଦିତ ପୁସ୍ତକ ପ୍ରକାଶିତ ହୋଇଥିଲେ ବି ପ୍ରଥମ ଲେଖାର ସେ ଆନନ୍ଦ ମୁଁ ଆଉ କେବେ ବି ଅନୁଭବ କରିନାହିଁ। ସମୟ ବଦଳିଯିବ, ସାହିତ୍ୟ ଅନେକ ଲେଖାଯିବ; କିନ୍ତୁ ସେଦିନର ଛାତ୍ର ମୀନାବଜାରର ମୁଦ୍ରିତ ପୃଷ୍ଠାରେ ନିଜ କବିତା ଦେଖି ଯେଉଁ ଆନନ୍ଦ ଅନୁଭବ କରିଥିଲା, ତା'ର ରୋମାଞ୍ଚ ଜୀବନର ଶେଷଯାଏଁ ବଳବତ୍ତର ରହିବ।

## ପୁସ୍ତକ ପରିଚୟ

### ଶବ୍ଦ ଆରପାଖ


**କବୟିତ୍ରୀ: ଈପ୍‌ସିତା ଷଡ଼ଙ୍ଗୀ**
**ପ୍ରକାଶକ: ସୃଜନ ଇଣ୍ଡିଆ, କଟକ**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୮୧/-**




ଜଣେ ସଚେତନ କବି ପାଇଁ 'ଶବ୍ଦ'ର ଏପାଖ ଓ ଆରପାଖ-ଉଭୟ ସମମୂଲ୍ୟ ରଖନ୍ତି। କହିବାକୁ ଗଲେ 'ଶବ୍ଦ'ର ଆରପାଖ ବରଂ କବି ପାଇଁ ଅଧିକ ମୂଲ୍ୟ ରଖେ। 'ଯାହା ଚାହୁଁଥିଲି ସତରେ କ'ଣ ଏ ଶବ୍ଦମାନେ ସେୟା କରିପାରିଲେ? ନା ଆହୁରି କିଛି ରହିଗଲା ଶବ୍ଦ ଆରପାଖରେ?' - ଏଇ ଅନ୍ୱେଷା ଓ ଅସନ୍ତୋଷର ନିରନ୍ତରତାରୁ ସତ୍ କବିର ଯେ ମୁକ୍ତି ନାହିଁ ଈପ୍‌ସିତାଙ୍କ ବହୁ କବିତା ପାଠିକାପାଠକଙ୍କୁ ଏହା ଆଉଥରେ ମନେପକାଇ ଦିଅନ୍ତି। ଈପ୍‌ସିତାଙ୍କ କବିତା ଆମେ ଭୋଗିଥିବା ଅନୁଭୂତିକୁ ନୂଆ ବାଗରେ ଉଖୁରାଇ ଦିଏ। ପଙ୍‌କ୍ତିଗୁଡ଼ିକ ପଢ଼ିଗଲେ ମନେହୁଏ- ''ହଁ ତ, କେଡ଼େ ନିଛକ ନୁହେଁ ଏ ଉକ୍ତିଗୁଡ଼ିକ!'' ଗୋଟିଏ ଉଦାହରଣ ନେବା: ''ଝିଅ ଦେହର କି ମନର/ 'ମନ' ନ ଥାଏ/ 'ମନ'ଟିଏ ନ ଥାଏ ଝିଅର।/ ଜନ୍ମରୁ ମୃତ୍ୟୁ ଯାଏଁ/ ଦେହ କେତିକି ଘୋଡ଼େଇ ହେବ/କେତିକି ଅନାବୃତ/ ସେ ନିଷ୍ପତ୍ତି ଆଉ କାହାର।'' (ଦେହ, ପୃ:୩୯)। କବିତାକୁ ଭିତରେ ଧରି ବି ଈପ୍‌ସିତା ତା'କୁ ଖୋଜି ହୁଅନ୍ତି, ଯେମିତି କୁମ୍ଭାଟୁଆ ବସା ବାନ୍ଧିଥିବା ଗଛଟିକୁ ଚିହ୍ନି ବି ଖୋଜି ହେଉଥାଏ। କବୟିତ୍ରୀଙ୍କ କେତେକ କବିତାରେ ଥାଏ ଏକ ନିଆରା ଏକଲାପଣ, ଗୋଟେ ନିରୁପାୟତା ଥାଏ, ଥାଏ ବି ଅଭୀକତା। ଚିରାଚରିତ ଶବ୍ଦରେ ନୂଆ ବ୍ୟଞ୍ଜନା ଭରି ଦେବାର ସଙ୍କଳ୍ପଟି ଈପ୍‌ସିତାଙ୍କ କବିତାରେ ଖୁବ୍ ଘରୁଆ; ତାହା ହିଁ ତାଙ୍କୁ ତାଙ୍କ ସମକାଳରେ ଅଲଗା କରି ଠିଆ କରାଏ।

### ଜାତୀୟ ଓ ଆନ୍ତର୍ଜାତୀୟ ମୂର୍ଦ୍ଧନ୍ୟ ସାହିତ୍ୟିକ


**ଲେଖକ: ଡ. ବିଭୂତି ଭୂଷଣ ଆଚାର୍ଯ୍ୟ**
**ପ୍ରକାଶକ: କାବ୍ୟଲୋକ, ଜଟଣୀ, ପୁରୀ**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ. ୧୫୦/-**




ଗ୍ରନ୍ଥର ଅଗ୍ରଲେଖରେ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଲେଖିଛନ୍ତି: ''ବିଭୂତି ଏହି ପୁସ୍ତକରେ ୨୧ଟି ଅନନ୍ୟ ସନ୍ଦର୍ଭକୁ ସ୍ଥାନିତ କରିଛନ୍ତି। ସନ୍ଦର୍ଭଗୁଡ଼ିକ ଯେତିକି ଭାବଗମ୍ଭୀର, ସେତିକି ସୌନ୍ଦର୍ଯ୍ୟପୂର୍ଣ୍ଣ। ଶୈଳୀ ତାଙ୍କର ବସ୍ତୁନିଷ୍ଠ, ବର୍ଣ୍ଣନା ରୁଚିକର, ଭାଷା ମାର୍ଜିତ।'' ସମସ୍ତ ସନ୍ଦର୍ଭ ପାଠକଲେ ମନେହୁଏ, ଜାତୀୟ ଓ ଅନ୍ତର୍ଜାତୀୟ ଲେଖା, ଲେଖକ ଓ ପ୍ରସଙ୍ଗକୁ ନେଇ ଲେଖକ ବିଭିନ୍ନ ସମୟରେ ଲେଖିଥିବା ଏହି ନିବନ୍ଧଗୁଡ଼ିକର ସବୁଠୁଁ ବଡ଼ ଦିଗଟି ହେଲା- ଏଥିରେ ଥିବା ନାନା ତଥ୍ୟର ସୂଚନା, ଯାହା ପାଠିକାପାଠକଙ୍କୁ ବର୍ଣ୍ଣିତ ବିଷୟବସ୍ତୁ ସମ୍ପର୍କରେ ଏକ ଧାରଣା ନେବା ପାଇଁ ସୁଯୋଗ ଯୋଗାଏ। ୧୯୮୯ର ନୋବେଲ ବିଜେତା ସେଲା, ବ୍ରିଟିଶ୍ କଥାକାର ବେରୀ ଓ ଶ୍ରୀଲଙ୍କାର କଥାଶିଳ୍ପୀ ମାଇକେଲ୍, ପ୍ରଥମ ସରସ୍ୱତୀ ସମ୍ମାନ ବିଜେତା ହରିବଂଶ ରାୟ ବଚ୍ଚନ, ମରାଠୀ ସାହିତ୍ୟିକ କୁସୁମାଗ୍ରଜ, ଜ୍ଞାନପୀଠ ବିଜେତା ନରେଶ ମେହେଟ୍ଟା, ଗୋକକ୍, ମୈତ୍ରେୟୀ ଦେବୀ ଓ ତାଙ୍କର ପ୍ରସିଦ୍ଧ ଉପନ୍ୟାସ 'ନ ହନ୍ୟତେ' ସମ୍ବନ୍ଧରେ ଡ. ଆଚାର୍ଯ୍ୟଙ୍କ ଅଧ୍ୟୟନ ଓ ଉପସ୍ଥାପନା କଦାପି ଅଯତ୍ନ-ପ୍ରସୂତ ନୁହେଁ, ଯଦିଓ ଏ ସବୁର ଆହୁରି ଗଭୀର ଅନୁଶୀଳନ ନିବନ୍ଧଗୁଡ଼ିକରେ ଅପେକ୍ଷିତ।

### ନିଜ ଗୀତ


**କବି: ଜଳଧର ସ୍ୱାଇଁ**
**ପ୍ରକାଶକ: ଇଭେଣ୍ଟ୍ସ ପବ୍ଲିକେଶନ୍‌ସ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ. ୧୨୦/-**




କଥାକାର ପ୍ରକାଶ ମହାପାତ୍ର ବହିଟିର ପ୍ରଚ୍ଛଦଲେଖରେ ଲେଖିଛନ୍ତି: ''କିଛି ମାଟିମନସ୍କ ସ୍ୱପ୍ନ, ଜୀବନକୁ ନେଇ କିଛି ଆରଣ୍ୟକ ଅଭୀପ୍‌ସା, କ୍ଷଣଭଙ୍ଗୁର ବାସ୍ତବତା, ଚାଲୁଥିବା ରାସ୍ତାର ଅନିଶ୍ଚିତ ଗତିପଥ, କିଛି ସମ୍ଭାବନାମୟ ବିଦ୍ରୋହାତ୍ମକ ଲଳିତ ସ୍ୱରକୁ ଯଦି ଚିତ୍ରରୂପ ଦିଆଯାଏ, ତେବେ ସେ ଚିତ୍ରଟି ଦିଶିବ ଠିକ୍ ଜଳଧର ସ୍ୱାଇଁଙ୍କ ଭଳି।'' ବହିଟିରେ ଏକ ଦୀର୍ଘ କବିତା 'ନିଜ ଗୀତ' (୩୪ ଭାଗରେ ବିଭକ୍ତ) ସହିତ ଅନ୍ୟ ୯ଟି ଏକକ କବିତା ସ୍ଥାନିତ। କବିତାଗୁଡ଼ିକର ପ୍ରସଙ୍ଗ ବିବିଧ, ଯାହା ଜୀବନ ଓ ସମୟକୁ ନେଇ ସମ୍ପ୍ରସାରିତ, କିନ୍ତୁ ଗଠନକଳା ଶିଥିଳ ହେତୁ ପାଠିକାପାଠକଙ୍କୁ ଏହା ବେଶୀକ୍ଷଣ ଆପ୍ଲୁତ କରି ରଖିବାର ସୌଭାଗ୍ୟ ହରାଏ। କବିତାଟିକୁ ନିକ କରି ଗଢ଼ିବାରେ କବିର ତରତରପଣ ଘାତକ ସାବ୍ୟସ୍ତ ହୁଏ। ଆଶା, କବି ତାଙ୍କର ପରବର୍ତ୍ତୀ କବିତାଗୁଡ଼ିକରେ ନିଜର ଏ କଞ୍ଚାପଣକୁ ସ୍ୱ-ସାଧନା ଦ୍ୱାରା ଅତିକ୍ରମ କରିଯିବେ।

### STARRY SICKLE

**କବି: ଅଶ୍ୱିନୀ କୁମାର ମିଶ୍ର**
**ପ୍ରକାଶକ: ସମାସ, ଭୁବନେଶ୍ୱର-୧୭**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୯୯/-**




ନିଜ ଦ୍ୱାରା ଓ ଅନ୍ୟ ୧୧ ଜଣ ଅନୁବାଦକଙ୍କ ଦ୍ୱାରା ଅନୂଦିତ ମୋଟ ୭୮ଟି କବିତା ଆଲୋଚ୍ୟ ଇଂଲିଶ୍ ପୁସ୍ତକ "Starry sickle"ରେ ସ୍ଥାନିତ, ଯାହାକୁ ଦୁଇ ଦଶନ୍ଧି ବ୍ୟାପୀ ନିଜର ଅନୁଭବ ଓ ଅଭିଜ୍ଞତା ଦେଇ କବି ଲେଖିଥିବା ତାଙ୍କ 'Foreword'ରେ କହିଛନ୍ତି। ଗ୍ରନ୍ଥ ସଂପର୍କରେ ଗୁଜରାଟର କାଞ୍ଜି ପଟେଲ କହନ୍ତି: "The title of the collection is very apt as it combines the dreamy and the real. his poetry is the cry of the rural, simple innocent, self sufficient, harmonious with nature but threatened by the forces of urbanization, development and all that makes the modern world." ବିଭୁ ପାଢ଼ୀ ମତ ଦିଅନ୍ତି: "Starry Sickle is full of poems that show the Magic of living through times and places that are basically old and rural." ଭଗବାନ ଜୟସିଂହଙ୍କ ଅନୂଦିତ "The Bullock" କବିତା ପାଠିକାପାଠକଙ୍କୁ ଚିହ୍ନେଇ ଦିଏ କବି ଅଶ୍ୱିନୀଙ୍କ କବିତାର ଗର୍ଭଗୃହରେ ଦିକିଦିକି ହେଇ ଜଳୁଥିବା ତାଙ୍କ ଦହନଶୀଳ କବି-ସତ୍ତାକୁ। ମୁନିବର ସମସ୍ତ ଦୁଃଖଯାତନା ସତ୍ତ୍ୱେ ନିର୍ବିକାର ଭାବେ ଖଟି ଚାଲିଥିବା ବଳଦର ନିରୁପାୟ ଭାଗ୍ୟ ପ୍ରତି କବି ଏ କବିତାଟିରେ ଯେପରି ସମ୍ବେଦନଶୀଳ, ଅନ୍ୟ କବିତାଗୁଡ଼ିକରେ ବି ସେହିପରି। ଅନୁବାଦଗୁଡ଼ିକ ମୂଳ କବିତା ପ୍ରତି ବିଶ୍ୱସ୍ତ ହୋଇପାରିବା ସନ୍ତୋଷର ବିଷୟ।